## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ପାଟଣା,(ସ୍ୱ.ପ୍ର.)- କେନ୍ଦୁଝର ଜିଲା ଢେଙ୍କିକୋଟ-ପାଟଣା ଦେଇ ଯାଇଥିବା ୨୨୦ନଂ. ଜାତୀୟ ରାଜପଥର ମଙ୍ଗଳପୁରଛକ ନିକଟରେ ମଙ୍ଗଳବାର ରାତିରେ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟାଟା ମ୍ୟାଜିକକୁ ବାଇକ୍ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ଆହତ ସାହାରପଡ଼ା ବ୍ଲକ ଆହାରପଡ଼ାର ମୋହନ କୁମାର ମହାନ୍ତଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।



# ସୋରରେ ଭାସିଲା ୧୬୨ ଫୁଟ୍‌ର ବୋଇତ

**ସୋର, ୮।୧୧(ଡି.ଏନ.ଏ.):** ସୋର ବ୍ଲକ ମାଣତ୍ରୀ ଗ୍ରାମପୋଖରୀରେ ରାହାସ ପୂର୍ଣ୍ଣିମାରେ ୧୬୨ ଫୁଟ୍ ଲମ୍ବର ଏକ ବୋଇତ ଗ୍ରାମର ମଦନମୋହନ ଯୁବକ ସଂଘ ପକ୍ଷରୁ ବନ୍ଦାଣ କରାଯାଇଛି। ୨୦ ବର୍ଷ ଧରି ଏହି ସଂଘ ପକ୍ଷରୁ ବୋଇତ ରାମସେତୁ ନାମରେ ବିଭିନ୍ନ ବର୍ଜ୍ୟବସ୍ତୁରେ ନିର୍ମାଣ ହୋଇଆସୁଛି। ଶିଳ୍ପୀ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବାଉଁଶ, ସୋଲ, ପେପର କାର୍ଟୁନ୍, ରଙ୍ଗୀନ କପଡା ଓ ଅଳ୍ପ କିଛି କାଠରେ ଏହି ବୋଇତ ନିର୍ମାଣ ହୋଇଛି। ସୋମବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ବୋଇତକୁ ବନ୍ଦାଣ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ଯୁବକ ସଂଘ ପକ୍ଷରୁ ନାଟକ ‘ ମଣିଷ ଗଛର ଛାଇ’ ମଞ୍ଚସ୍ଥ ହେବ। କ୍ଲବ ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ସଞ୍ଜୟ କୁମାର ରାଉତଙ୍କ ସହ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ଶଶିକାନ୍ତ



@ସାନୁ



@ଅମୃତା



@ଦୀପ୍ତିରଞ୍ଜନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।


# ‘ଅତୀତର ମହକକୁ ବାନ୍ଧି ରଖିଛି ବୋଇତବନ୍ଦାଣ ଉତ୍ସବ’

**ଭୋଗରାଇ, ୮।୧୧(ଡି.ଏନ.ଏ,)**

ଅତୀତରେ ଏଠି ଥିଲା ବନ୍ଦର। ନୌବାଣିଜ୍ୟରେ ଉତ୍କଳର ସାଧବ ପୁଅମାନେ ଝଡବର୍ଷାକୁ ଖାତିର ନ କରି ସାତଦରିଆ ପାରିହୋଇ ବାଣିଜ୍ୟ କରିବାକୁ ଯାଇ ଧନରତ୍ନ ଘେନି ଖୁସିମନରେ ଘରକୁ ଫେରୁଥିଲେ। କାଳକ୍ରମେ ଆଜି ତାହା ପୋତି ହୋଇଛି। କର୍ପୁର ଉଡିଯାଇଥିଲେ ମଧ୍ୟ କନା ପଡ଼ିରହିଛି। ଉତ୍କଳୀୟ ନୌବାଣିଜ୍ୟର ଗୌରବମୟ ଇତିହାସ ଆଜି ବି ଉତ୍କଳୀୟଙ୍କୁ ମନେ ପକାଉଛି। ବନ୍ଦର ନ ଥିଲେ ମଧ୍ୟ ଏଠାକାର ମତ୍ସଜୀବୀମାନେ ନୀଳ ଦରିଆରେ ପେଟକୁ ଦାନା ଓ ପିନ୍ଧିବାକୁ ବସ୍ତ୍ର ପାଇଁ ସଂଗ୍ରାମ ଜାରି ରଖିଛନ୍ତି ବୋଲି ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମଙ୍ଗଳବାର ସନ୍ଧ୍ୟାରେ ଆରୁହାବୃତ୍ତି ପିପିଲି ସାହାବନ୍ଦର ବୋଇତ ବନ୍ଦାଣ ଉତ୍ସବକୁ ଉଦ୍‌ଘାଟନ କରି ମତପ୍ରକାଶ କରିଛନ୍ତି। ବୋଇତ ବନ୍ଦାଣ ଉତ୍ସବର ସଭାପତି ସତ୍ୟଶିବ ଦାସଙ୍କ ପୌରୋହିତ୍ୟରେ ସଦସ୍ୟ ଦେବବ୍ରତ ଦେ ଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ଓ କବି ପ୍ରଶାନ୍ତ ଦାସ, ସମ୍ମାନିତ ଅତିଥି ଭାବେ କବି ସୁକୁମାର ଦାସ, ବିଶିଷ୍ଟ ସାମାଜିକ କର୍ମୀ ତପନ କୁମାର ପଣ୍ଡା, କବି ବ୍ରଜେନ୍ଦ୍ର ଗିରି, କଳାକାର ହରେନ୍ଦ୍ର କୁମାର ଜେନା, ଗୀତାରାଣୀ ଜେନା ପ୍ରମୁଖ ଯୋଗଦେଇଥିଲେ। ପରେ ଓଡିଶାର ଖ୍ୟାତନାମା କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର, ଚିତ୍ରଭାନୁ ମହାନ୍ତି ସହ ତାଙ୍କ ସାଥୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ, ଖୋର୍ଦ୍ଧାର ନାରାୟଣୀ ଗୋଟିପୁଅ କଳା ପରିଷଦ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭକ୍ତି ଆରାଧନା ଭଜନସନ୍ଧ୍ୟା ଦର୍ଶକଙ୍କୁ ମନମୁଗ୍ଧ କରିଥିଲା।




କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଉଦ୍‌ଘାଟନ କରୁଛନ୍ତି।

# ଆ-କା-ମା-ବୈ......ଧ୍ୱନିରେ କମ୍ପିଲା ବାଲିଘାଟ



ବାଲିଘାଟ ନିକଟରେ ମହିଳାମାନେ ଡଙ୍ଗା ଭସାଇବାକୁ ପ୍ରସ୍ତୁତ ହେଉଛନ୍ତି।

**ବାଲେଶ୍ୱର ଅଫିସ, ୮।୧୧**

### ସୂର୍ଯ୍ୟୋଦୟ ପୂର୍ବରୁ ବୋଇତ ବନ୍ଦାଇଲେ ଶ୍ରଦ୍ଧାଳୁ

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଚନ୍ଦ୍ରଗ୍ରହଣ ପଡ଼ିଥିବାରୁ ବାଲେଶ୍ୱର ଜିଲାର ବିଭିନ୍ନ ନଦୀ, ପୋଖରୀ ଓ ସମୁଦ୍ରରେ ଶ୍ରଦ୍ଧାଳୁମାନେ ସୂର୍ଯ୍ୟୋଦୟ ପୂର୍ବରୁ ବୋଇତ ବନ୍ଦାଣ କରିଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ଚାନ୍ଦିପୁର ସମୁଦ୍ର ବେଳାଭୂମି, ବୁଢାବଳଙ୍ଗ ନଦୀତଟ ବାଲିଘାଟ, ସୁନହଟ ପୋଖରୀ, ମୀର୍ଜାପୋଖରୀ, ଗଡ଼ଗଡ଼ିଆ ପୋଖରୀ, ଝାଡ଼େଶ୍ୱର ମନ୍ଦିର ଭଳି ପ୍ରମୁଖ ସ୍ଥାନରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଡଙ୍ଗା ଭସାଇବା ପରେ ଶ୍ରଦ୍ଧାଳୁମାନେ ନିକଟସ୍ଥ ମନ୍ଦିରରେ ପୂଜାର୍ଚ୍ଚନା କରି ଦାନଧର୍ମାଦି କର୍ମ କରିଥିଲେ।

ଐତିହାସିକ ମହତ୍ତ୍ୱ ବହନ କରୁଥିବା ବୁଢାବଳଙ୍ଗ ନଦୀତଟ ବାଲିଘାଟରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଇ ନୌବାଣିଜ୍ୟ ପରମ୍ପରା ସ୍ମୃତିଚାରଣ କରିଥିଲେ। କାର୍ତ୍ତିକ ପୂର୍ଣ୍ଣିମାଠାରୁ ବାଲିଘାଟ ସୁରକ୍ଷା କମିଟି ପକ୍ଷରୁ ସ୍ଥାନୀୟ ଉଡ଼ା ପଡ଼ିଆରେ ଆରମ୍ଭ ହୋଇଛି ବାଲିଯାତ୍ରା। ସାମାଜିକ କର୍ମୀ ସୁବାସିନୀ ଜେନା ଓ ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ୩ଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ଶତାଧିକ ଷ୍ଟଲ ଖୋଲାଯାଇଛି। କରୋନା ସଂକ୍ରମଣ ପାଇଁ ୨ ବର୍ଷ ପରେ ମେଳା ହେଉଥିବାରୁ ବହୁ ଲୋକଙ୍କ ସମାଗମ ହୋଇଛି। ସହରର ବିଭିନ୍ନ ଅଞ୍ଚଳରେ ଶ୍ରଦ୍ଧାଳୁମାନେ ଭୋର ସମୟରେ ନଗର ସଂକୀର୍ତ୍ତନରେ ବାହାରି ସହର ପରିକ୍ରମା କରିଥିଲେ।

# ବୋଇତ ନିର୍ମାଣ କଳା ପ୍ରତିଯୋଗିତା

## ଅର୍ପିତା ପ୍ରଥମ, ଋତୁପର୍ଣ୍ଣା ଦ୍ୱିତୀୟ, ତନିଷା ତୃତୀୟ

**ବଡ଼ବିଲ,୮।୧୧(ସ୍ୱ.ପ୍ର.)**

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କେନ୍ଦୁଝର ଜିଲା ବଡ଼ବିଲସ୍ଥିତ କାରୁବାକୀଠାରେ ମଙ୍ଗଳବାର ବୋଇତ ନିର୍ମାଣ କଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବଡ଼ବିଲର କାରୋ ନଦୀକୂଳ କାରୁବାକୀ, ଚମ୍ପୁଆ ନାଳ, ଡ୍ୟାମ୍ ଆଦି ଜଳାଶୟରେ ବଡ଼ି ଭୋର ସମୟରେ ମହିଳାମାନେ ପରିବେଶ ଅନୁକୂଳ ସାମଗ୍ରୀରେ ନିର୍ମିତ ବୋଇତ ବନ୍ଦାପନା କରି ଭସାଇଛନ୍ତି। କାରୁବାକୀଠାରେ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ବେଳେ ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲେ। କଳାକଳ୍ପନା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପରିବେଶ ଅନୁକୂଳ ସାମଗ୍ରୀରେ ନିର୍ମିତ ୧୨ଟି ବୋଇତ ଏଥିରେ ସ୍ଥାନ ପାଇଥିଲା। ପ୍ଲାଷ୍ଟିକ ଓ ଥର୍ମକୋଲକୁ ବର୍ଜନ କରି କାଗଜ, ପଟି, କାଠ, ପ୍ଲାଇ, ବାଉଁଶ ଓ ଫୁଲରେ ସୁସଜ୍ଜିତ ବୋଇତଗୁଡ଼ିକ ବେଶ୍ ଆକର୍ଷଣୀୟ ହୋଇଥିଲା। ବଡ଼ବିଲ ଅଞ୍ଚଳର ଯୁବତୀ ଅର୍ପିତା ନାଏକ ପ୍ରଥମ, ଋତୁପର୍ଣ୍ଣା ମହାନ୍ତି ଦ୍ୱିତୀୟ ଓ ତନିଷା ପତି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସମସ୍ତ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲାବେଳେ ଅନ୍ୟ ପ୍ରତିଯୋଗୀମାନଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଆ ପରମ୍ପରା ଦିନକୁ ଦିନ ଲୁଚି ଯାଉଥିବାରୁ ଏହି ପ୍ରତିଯୋଗିତା ଜରିଆରେ ଜନସାଧାରଣଙ୍କୁ ସମ୍ପୃକ୍ତ କରିବା ଲାଗି ପ୍ରୟାସ। ୨୦୧୫ରୁ ପ୍ରତିଯୋଗିତା ଆରମ୍ଭ ହୋଇଥିବା ଉପଦେଷ୍ଟା ବିଜୟ ମହାନ୍ତି କହିଛନ୍ତି।

# ଦୁଇବର୍ଷ ପରେ ଶିବଗଙ୍ଗାରେ ଡଙ୍ଗା ଭସାଇଲେ ଶ୍ରଦ୍ଧାଳୁ

**ଆରଡ଼ି,୮।୧୧(ଡି.ଏନ୍.ଏ.)**

କାର୍ତ୍ତିକ ପୂର୍ଣ୍ଣିମାରେ ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ମନ୍ଦିର ଶିବଗଙ୍ଗା ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଇଛନ୍ତି। ମଙ୍ଗଳବାର ଚନ୍ଦ୍ରଗ୍ରହଣ ପାଇଁ ସୋମବାର ରାତି ୨ଟାରେ ମନ୍ଦିର ପହଡ଼ ଖୋଲାଯାଇ ମଙ୍ଗଳ ଆଳତି ଅନ୍ୟାନ୍ୟ ପୂଜାନୀତି କରାଯାଇଥିଲା। ଏହି ସମୟ ମଧ୍ୟରେ ଶ୍ରଦ୍ଧାଳୁମାନେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବା ସହ ପୁଷ୍କରିଣୀରେ ଡଙ୍ଗା ଭସାଇଥିଲେ। ଭକ୍ତମାନଙ୍କ ହରିବୋଲ ଓ ହୁଳହୁଳି ଧ୍ୱନିରେ ପୀଠ ପ୍ରକମ୍ପିତ ହୋଇଥିଲା। ସେବାୟତ ଓ ପ୍ରଶାସନ ନିଷ୍ପତ୍ତି ଅନୁସାରେ ନିର୍ଦ୍ଦିଷ୍ଟ ସମୟରେ ବାବା ଆଖଣ୍ଡଳମଣିଙ୍କୁ ସକାଳ ଖେଚୁଡ଼ି ଭୋଗ ଅର୍ପଣ ପରେ ମନ୍ଦିରରେ ପହଡ଼ ପକାଯାଇଥିଲା। କରୋନା ଯୋଗୁ ଦୁଇବର୍ଷ ହେଲା ଶ୍ରଦ୍ଧାଳୁମାନେ ଶିବଗଙ୍ଗାରେ ଡଙ୍ଗା ଭସାଇ ପାରି ନ ଥିଲେ। ଚଳିତବର୍ଷ ଏହି ସୁଯୋଗ ମିଳିଥିବାରୁ ସେମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା।



ଶିବଗଙ୍ଗା ପୁଷ୍କରିଣୀରେ ଦୁଇଜଣ ଶ୍ରଦ୍ଧାଳୁ ଡଙ୍ଗା ଭସାଉଛନ୍ତି।

# ଗୋମାଂସ ସନ୍ଦେହରେ କଣ୍ଟେନର ଅଟକ

**ରେମୁଣା, ୮।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଶେରଗଡ଼ସ୍ଥିତ ଟୋଲଗେଟ୍ ନିକଟରେ ଗୋଟିଏ କଣ୍ଟେନରରେ ଗୋମାଂସ ଥିବା ସନ୍ଦେହ କରି ମଙ୍ଗଳବାର ସନ୍ଧ୍ୟାରେ ବିଶ୍ୱ ହିନ୍ଦୁ ପରିଷଦ କାର୍ଯ୍ୟକର୍ତ୍ତା ଅଟକ ରଖିଥିଲେ। ପରେ ଖନ୍ତାପଡ଼ା ଥାନାକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସିଲ୍ ଥିବା କଣ୍ଟେନରକୁ ଥାନାକୁ ନେଇଥିଲେ। ଡ୍ରାଇଭର ଓ ହେଲପରକୁ ଅଟକ ରଖି ତଦନ୍ତ ଜାରି ରଖିଛନ୍ତି। କଣ୍ଟେନର (ନଂ. ଏପି୩୯ଡବ୍ଲ୍ୟୁ-୮୯୨୬) ଟି କୋଲକାତାରୁ ଚେନ୍ନାଇକୁ ଯାଉଥିବା ବେଳେ ସେଥିରେ ଗୋ-ମାଂସ ଥିବା ଖବରପାଇ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତାମାନେ ଟୋଲଗେଟ୍ ନିକଟରେ ଅଟକାଇଥିଲେ। ଡ୍ରାଇଭର ଓ ହେଲପର କଣ୍ଟେନରରେ କଳା ମଇଁଷି ମାଂସ ଚାଲାଣ ହେଉଥିବା କାଗଜପତ୍ର ଦେଖାଇଥିଲେ ମଧ୍ୟ ଗୋମାଂସ ଥିବା ଅଭିଯୋଗ କରିଥିଲେ ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା। ପୋଲିସ ଗାଡ଼ିକୁ ଖନ୍ତାପଡ଼ା ଥାନାକୁ ନେଇ କଣ୍ଟେନର ଯାଞ୍ଚ କରିବାକୁ ସ୍ଥାନୀୟ ମାଜିଷ୍ଟ୍ରେଟ୍‌ଙ୍କ ସହ ପ୍ରାଣୀ ଚିକିତ୍ସାଧିକାରୀ ଓ ଖାଦ୍ୟ ବିଭାଗର ଅଧିକାରୀଙ୍କୁ ଡକାଇଛନ୍ତି। ଖବର ଲେଖାଯିବା ବେଳକୁ ବିଶ୍ୱ ହିନ୍ଦୁ ପରିଷଦର ଶତାଧିକ କାର୍ଯ୍ୟକର୍ତ୍ତା ଥାନା ସମ୍ମୁଖରେ ରହିବା ସହ କଣ୍ଟେନରକୁ ଜଗି ରହିଥିବା ଜଣାପଡ଼ିଛି।

# ବୋଇତ ବନ୍ଦାଣ କଲେ ବିଧାୟକ

**ପାଟଣା,୮।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଅଞ୍ଚଳରେ କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ ପାଇଁ ସୋମବାର ରାତି ୨ଟାରୁ ପରମେଶ୍ୱର ଶିବ ମନ୍ଦିର ସଂଲଗ୍ନ ଅନୁସୟା ଘାଟ ଓ ରାଜନଗର ଶୈବ୍ୟା କାବେରୀ ଘାଟରେ ବୈତରଣୀ ନଦୀରେ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ଏଥିସହ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଇଥିଲେ। ମଙ୍ଗଳବାର ଚନ୍ଦ୍ରଗ୍ରହଣ ଥିବାରୁ ସୋମବାର ରାତି ୨ଟାରୁ ପାଟଣା ମୁଖ୍ୟାଳୟ ବୈତରଣୀ ନଦୀ ସଂଲଗ୍ନ ପରମେଶ୍ୱର ଶିବମନ୍ଦିର, ଆନନ୍ଦେଶ୍ୱର ଶିବମନ୍ଦିର, ସ୍ୱାମଶାସନସ୍ଥିତ ସୋମେଶ୍ୱର ମହାଦେବ ମନ୍ଦିର ଓ ରାଜନଗର ଦଧିବାମନଜୀଉ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଗ୍ରହଣ ସରିବା ପରେ ଦେବନୀତି କରାଯାଇ ଭୋଗ ଲାଗିବା ବ୍ୟବସ୍ଥା ହୋଇଛି।

ରାଜନଗରସ୍ଥିତ ଶୈବ୍ୟାକାବେରୀ ଘାଟରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ରାଜନଗର ବୋଇତ ବନ୍ଦାଣ କମିଟି ପକ୍ଷରୁ ୪୦ ଫୁଟ ଲମ୍ବର ଏକ ବୋଇତକୁ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ଦ୍ୱାରା ବନ୍ଦାଣ କାର୍ଯ୍ୟକ୍ରମ ପରେ ନଦୀରେ ବୋଇତ ଭସା ଯାଇଥିଲା। ସରପଞ୍ଚ ସୁଧାଂଶୁ ନାଏକ, ସମିତିସଭ୍ୟ ଅବନି କୁମାର ନାଏକ, ବୋଇତ ବନ୍ଦାଣ କମିଟି ପକ୍ଷରୁ ଧରଣୀଧର ଦାସ, ଜିତେନ୍ଦ୍ର କୁମାର ସିଂ, ବସନ୍ତ କୁମାର ମିଶ୍ର, ତୃପ୍ତି ରଞ୍ଜନ ସିଂ, ଦିଲୀପ କୁମାର ସିଂ, ପ୍ରତାପ ଚନ୍ଦ୍ର ରଣା, ମୃତ୍ୟୁଞ୍ଜୟ ପାଣି, ଶରତ ଜ୍ୟୋତି କର ଉପସ୍ଥିତ ଥିଲେ। ପାଟଣା ଓ ତୁରୁମୁଙ୍ଗା ପୋଲିସ ପକ୍ଷରୁ ନଦୀ, ମନ୍ଦିରଠାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପାଟଣାରେ ୩ ହଜାର ଓ ରାଜନଗରରେ ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



ବୋଇତ ବନ୍ଦାଣ ଉତ୍ସବରେ ବିଧାୟକ ଜଗନ୍ନାଥ ନାଏକ ଓ କମିଟି ସଦସ୍ୟମାନେ।

# ‘କିମ୍ବଦନ୍ତୀ ପାଲଟିଛି ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା’




ବୋଇତ ବନ୍ଦାଣ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଓ ଭାଜପା ନେତୃବୃନ୍ଦ।

**ଭଦ୍ରକ ଅଫିସ/ ଚାନ୍ଦବାଲି (ଡି.ଏନ.ଏ.),୮।୧୧**

ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଏବେ କିମ୍ବଦନ୍ତୀ ପାଲଟିଛି। ଧାମରାରେ ଆୟୋଜିତ ସାର୍ବଜନୀନ ବୋଇତ ବନ୍ଦାଣ ଉତ୍ସବ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିଛି ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କହିଛନ୍ତି। ଏହାସହ ଆଗାମୀ ଦିନରେ ଧାମରା ବନ୍ଦରରେ ସ୍ଥାନୀୟ ନିଯୁକ୍ତି ପ୍ରସଙ୍ଗକୁ ପ୍ରାଧାନ୍ୟ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ। ପ୍ରମୋଦ ନାୟକଙ୍କ ସଭାପତିତ୍ୱରେ ଧାମରା ବଜାର ନିକଟସ୍ଥ ପଡ଼ିଆରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରମନ୍ତ୍ରୀଙ୍କ ସହ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଧାମନଗର ନବନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ବୁଢ଼ାନ ମୁର୍ମୁ, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରି ନାରାୟଣ ଧଳ, ମନସ୍ମିତା ଖୁଣ୍ଟିଆ, ଜିଲା ସଭାପତି ହେମନ୍ତ ପାଢ଼ୀ, ଚଳଚ୍ଚିତ୍ର ଅଭିନେତା ବବି ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାର୍ବଜନୀନ ବୋଇତ ବନ୍ଦାଣ କମିଟିର ୭ ସାଧବ ପୁଅ କେନ୍ଦ୍ରାପଡ଼ା ଜିଲାର ନଳିତାପାଟିଆକୁ ଯାଇ ଲୋକଙ୍କ ସହ ଭାବବିନିମୟ କରିବା ପରେ ଧାମରାଠାରେ ପହଞ୍ଚିଥିଲେ। ପରେ ସେମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ମଧ୍ୟରେ ସଭା ସ୍ଥଳକୁ ପାଛୋଟି ନିଆଯାଇଥିଲା।

ସେହିପରି ଚାନ୍ଦବାଲି ବ୍ଲକ ଧାମରାସ୍ଥିତ ଗଙ୍ଗାମାତା ପଡ଼ିଆରେ ବୋଇତ ବନ୍ଦାଣ ଉତ୍ସବ କମିଟି ପକ୍ଷରୁ ୨୩ତମ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଛି। କାଳୀନାଳି ଘାଟରୁ ୭ ସାଧବ ପୁଅ ବଣିଜ କରି ଧାମରା ସମୁଦ୍ର କୂଳକୁ ଫେରିବା ପରେ ସେମାନଙ୍କୁ ବିରାଟ ଶୋଭାଯାତ୍ରାରେ ମଞ୍ଚ ନିକଟକୁ ପାଛୋଟି ନିଆଯାଇଥିଲା। ଉତ୍ସବରେ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ଡ. ବ୍ୟୋମକେଶ ରାୟ ଏବଂ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିନେତ୍ରୀ ଏଲିନା ଦାସ, ଶୀତଲ ରାୟ, ଅଭିନେତା ଦୀପକ, ସରପଞ୍ଚ ସୁରେଶ ସେଠୀ, ରାମକୃଷ୍ଣ ଜେନା, ମଲ୍ଲୀ ମାଝି, ବିଜେଡି ନେତା ସୁରେଶ ମାହୁନ୍ତ, ନିରଞ୍ଜନ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ଧାମରା ମକର ମେଳା ପଡ଼ିଆରେ ମା’ ଧାମରାଇ ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ନରହରି ମଲ୍ଲିକ ସଭାପତିତ୍ୱ କରିଥିଲେ। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ କୁଳପତି କୁମରବର ଦାସ, ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, କଂଗ୍ରେସ ନେତା ଦିଗମ୍ବର ଦାସ, ଯୁବନେତା ସତ୍ୟାନନ୍ଦ ରାଉତ, ମନୋଜ ବିଶ୍ୱାଳ, ତ୍ରୈଲୋଚନ ପଣ୍ଡା, ରାଜେଶ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଧାମରା ସମୁଦ୍ର କୂଳରୁ ୭ ସାଧବ ପୁଅ ନଳିତାପାଟିଆ ଅଭିମୁଖେ ବଣିଜ କରିବା ପାଇଁ ଯାଇଥିଲେ। ସେଠାରୁ ଫେରିବା ପରେ ସେମାନଙ୍କୁ ପାରମ୍ପରିକ ବାଦ୍ୟ ନୃତ୍ୟ ତାଳେ ତାଳେ ପାଛୋଟି ଅଣାଯାଇଥିଲା।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

କୁଳିଅଣା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୧୫୨/୨୨) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ରଞ୍ଜିତ ପାତ୍ର। ଗତ ଶୁକ୍ରବାର ବିଳମ୍ବିତ ରାତିରେ ନାବାଳିକା ଜଣକ ଘରେ ଶୋଇଥିବା ବେଳେ ଅଭିଯୁକ୍ତ ତାଙ୍କୁ ବଳପୂର୍ବକ ଉଠାଇ ନେଇ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଗ୍ରାମସଭା ବସିଥିଲେ ହେଁ କିଛି ସମାଧାନ ହୋଇ ନ ପାରିବାରୁ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

**ସଂକ୍ଷେପରେ**

## ମନ୍ଦିର ଚୋରି ର୍ୟାକେଟର ପର୍ଦ୍ଦାଫାଶ ୨ ଅଭିଯୁକ୍ତ ଗିରଫ



ବୈଶିଙ୍ଗା,୮।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳରେ ଗତ ୩ମାସ ଧରି ବିଭିନ୍ନ ମନ୍ଦିରରୁ ଚୋରି ଘଟଣା ପୋଲିସ ପାଇଁ ଖୋଲା ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଏନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ମଙ୍ଗଳବାର ବୈଶିଙ୍ଗା ପୋଲିସ ଏହି ମନ୍ଦିର ଚୋରି ର୍ୟାକେଟର ପର୍ଦ୍ଦାଫାସ କରିବାରେ ସଫଳ ହୋଇଛି। ଏହି ଥାନା ଅଧୀନ କଳମା ପଞ୍ଚାୟତ ଗୋବିନ୍ଦରାୟପୁର ଗ୍ରାମର ୟୁସୁଫ ଖାନଙ୍କ ପୁଅ ଅନସାରୀଙ୍କୁ କୌଶଳ କ୍ରମେ ଗିରଫ କରିବା ସହ ବହୁ ମୂଲ୍ୟବାନ ତମ୍ବା, ପିତ୍ତଳ ଓ କଂସା ବାସନକୁସନ ଆଦି ଚୋରି ସାମଗ୍ରୀ ଜବତ କରାଯାଇଛି। ଏହି ସମସ୍ତ ଚୋରି ସାମଗ୍ରୀ କିଣିଥିବା ବଡ଼ସାହି ଥାନା ଅନ୍ତର୍ଗତ ଭିମଦା ବଜାର ଅଞ୍ଚଳର ସ୍କ୍ରାପ ବ୍ୟବସାୟୀ ମନୁ ମହାଲିକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୋଲିସ। ମନ୍ଦିରରୁ ଚୋରି ହୋଇଥିବା ଦୁଇଟି ବ୍ୟାଟେରି ଓ ୨ ଇନଭର୍ଟର ମଧ ଜବତ କରାଯାଇଛି। ତେବେ ଏହି ର୍ୟାକେଟରେ ଆହୁରି ଅଧିକ ଲୋକଙ୍କ ସମ୍ପୃକ୍ତି ଥିବା ନେଇ ତଦନ୍ତ ଚାଲିଥିବା ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି।

## ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ସୋର, ୮।୧୧-ସୋର ପୌରପାଳିକା ଅଧୀନ ଯୋଗ୍ୟ ହିତାଧିକାରୀମାନଙ୍କୁ ପୌରପାଳିକା କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ କରାଯାଇଛି। ପୌରାଧକ୍ଷ ମାଧବ ଧଡ଼ା, ଉପାଧକ୍ଷା ସସ୍ମିତା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟଜିତ ମହାନ୍ତିଙ୍କ ଉପସ୍ଥିତିରେ ୧୨୮ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ଅଧିକାରୀ ନରହରି ବେହେରା, ଦୀପକ କୁମାର ସାହୁ ପୌରପାଳିକାର କର୍ମଚାରୀ ଏବଂ ୱାର୍ଡ଼ର ପାରିଷଦମାନେ ଉପସ୍ଥିତ ରହି ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନରେ ସହଯୋଗ କରିଥିଲେ।

## ରାସ ଉତ୍ସବ



ଧାମନଗର,୮।୧୧ (ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରାହାସ ଉତ୍ସବ ପାଳିତ ହୋଇଯାଇଛି। ଗ୍ରହଣ ଲାଗୁଥିବାରୁ ବହୁ ଶ୍ରଦ୍ଧାଳୁ, ହବିଷ୍ୟାଳି ସୋମବାର ରାତି ୨ଟାରୁ ବୈତରଣୀ ନଦୀରେ ବୁଡ଼ ପକାଇ ଡଙ୍ଗା ଭସାଇବା ପରେ ପଣସମାହରା ଘାଟ କୂଳେ ଓ ମାନଲାପୁର ସ୍କୁଲ ନିକଟ ରାଧାକୃଷ୍ଣଙ୍କ ମୂର୍ତ୍ତି ଦର୍ଶନ କରି ବିଭିନ୍ନ ମନ୍ଦିରକୁ ଯାଇଥିଲେ। ହରିହର ମହାଦେବ, ଆନନ୍ଦପୁର ପଣସମାହାରା ଘାଟଠାରେ ଥିବା ଜଗନ୍ନାଥ ମଠ, ବାଲିପାଟଣା ଜଗତେଶ୍ୱର ଶିବମନ୍ଦିର ଓ ହାତୀଡିହ ଶନିଶ୍ଚର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

# ଜୀବନ ବଞ୍ଚାଇଛି ଝରଣା ପାଣି

**ବାରିପଦା ଅଫିସ,୮।୧୧**

■ପାଇପ ପାଣି ସାତ ସପନ
■୧୨୦୦ ଲୋକ କଲବଲ

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ଭାଲକି ପଞ୍ଚାୟତର ଆମ୍ବଡାଳୀ ମହାଲୀ ସାହି ଓ ନୂଆସାହି ଗ୍ରାମବାସୀ ଜଳ କଷ୍ଟ ଭୋଗୁଛନ୍ତି । ଦୀର୍ଘ ଦୁଇ କି.ମି. ଦୂର ବିଲ ଝରଣାରୁ ମହିଳାମାନେ ପାଣି ସଂଗ୍ରହ କରୁଛନ୍ତି। ପ୍ରତି ଘରକୁ ପାନୀୟ ଜଳ ଯୋଗାଣ ଲାଗି ସରକାର ଘୋଷଣା କରିଥିବା ବେଳେ ଉକ୍ତ ଗ୍ରାମରେ ତାହା ଅପହଞ୍ଚ ହୋଇପଡ଼ିଛି। ପ୍ରଶାସନ ପକ୍ଷରୁ ମୌଳିକ ସୁବିଧା ଯୋଗାଇ ଦିଆଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଛି। ଏହାର ପ୍ରତିବାଦରେ ଗ୍ରାମର ଶତାଧିକ ମହିଳା ସୋମବାର ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିରକୁ ଯାଇ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ନିବେଦନ କରିଛନ୍ତ। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଦୁଇ ଦିନ ମଧ୍ୟରେ ପାନୀୟ ଜଳ ଯୋଗାଇ ଦେବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ସମସ୍ୟାର ସମାଧାନ ନ ହେଲେ ଶତାଧିକ ମହିଳା ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

ଜିଲା ସଦର ମହକୁମାଠାରୁ ୨୦କି.ମି .ଦୂରରେ ଆମ୍ବଡାଳି ମାହାଲୀ ସାହି ଓ ନୂଆସାହି ଗ୍ରାମ ରହିଛି। ୪ନଂ. ୱାର୍ଡ ମାହାଲୀ ସାହି ଓ ୫ନଂ. ୱାର୍ଡ ନୂଆସାହିରେ ପାଖାପାଖି ୩୫୦ରୁ ଉର୍ଦ୍ଧ୍ୱ ପରିବାରରେ ୧୨୦୦ରୁ ଅଧିକ ଲୋକ ବସବାସ କରନ୍ତି। ଦୁଇଟି ୱାର୍ଡରେ ୩ଟି ନଳକୂଅ ଅଚଳ ହୋଇ ପଡ଼ିରହିଥିବା ବେଳେ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ଥିବା ସୋଲାର ଟାଙ୍କିର ପାଣି ସମସ୍ତଙ୍କୁ ନିଅଣ୍ଟ ପଡୁଛି। ଅଚଳ ନଳକୂପ ସଜାଡ଼ିବା ପରେ ବାହାରୁଥିବା ପାଣି ବ୍ୟବହାର ଉପଯୋଗୀ ହୋଇପାରୁନି। ଆଇରନଯୁକ୍ତ ପାଣି ପିଇବା ସହିତ ରୋଷେଇରେ ବ୍ୟବହାର କରିହୁଏ ନାହିଁ। ଫଳରେ କିଛି ଦିନ ପରେ ତାହାପୁଣି ଦୀର୍ଘଦିନ ଖରାପ ହୋଇ ପଡ଼ିରହୁଛି । ବର୍ଷ ତମାମ ପାନୀୟଜଳ ସଙ୍କଟ ଲାଗି ରହୁଥିବା ବେଳେ ପଞ୍ଚାୟତ କିମ୍ବା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଗ୍ରାମର କନକଲତା ମାହାଲୀ, ଲିଲି ବିନ୍ଧାଣୀ ଓ ଗୁରୁବାରୀ ଟୁଡୁ କହିଛନ୍ତି। ବିଶୁଦ୍ଧ ପାନୀୟ ଜଳ ପାଇବା ଆଶାରେ ଗ୍ରାମର ମହିଳାମାନେ ବିଲ ଓ ଝରଣାରୁ ପିଇବା ପାଣି ସଂଗ୍ରହ କରି ଶୋଷ ମେଣ୍ଟାଉଛନ୍ତି। ଅସ୍ୱାସ୍ଥ୍ୟକର ପରିବେଶରୁ ଆଣୁଥିବା ପାଣି ପିଇବା ଦ୍ୱାରା ଗ୍ରାମରେ ଝାଡାବାନ୍ତି ଓ ଜ୍ୱର ଭଳି ଅନେକ ରୋଗରେ ପୀଡିତ ହୋଇ ଲୋକେ ମୃତ୍ୟୁ ମୁଖରେ ପଡୁଥିବା ଶୈରାବୀ ମହାନ୍ତ ଓ ନନ୍ଦିନୀ ମହାନ୍ତ ଅଭିଯୋଗରେ ଦର୍ଶାଇଛନ୍ତି। ଦୂର ସ୍ଥାନକୁ ଯାଇ ପିଇବା ପାଣି ସଂଗ୍ରହ କରିବା କଷ୍ଟକର ହୋଇପଡ଼ିବାରୁ ଗ୍ରାମରେ ଥିବା ନଳକୂଅକୁ ସଜାଡ଼ିବା ପାଇଁ ବାରମ୍ବାର ବିଡିଓଙ୍କ ନିକଟରେ ଅଭିଯୋଗ କରାଯାଇଛି। ମାତ୍ର ଅଦ୍ୟାବଧି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ବାଧ ହୋଇ ନାଳ, ଝରଣା ପାଣି ପିଇ ଜୀବନ ବଞ୍ଚାଇବାକୁ ପଡୁଛି ବୋଲି ଗ୍ରାମର ସରସ୍ୱତୀ ଟୁଡୁ, ମାଳତୀ ମହାନ୍ତ ପ୍ରକାଶ କରିଛନ୍ତି । ସଂକ୍ରାନ୍ତରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଶିଶିର କୁମାର କରଙ୍କୁ ପଚାରିବାରୁ ଗ୍ରାମରେ ଏକ ସୋଲାର ଟ୍ୟାଙ୍କି ରହିଛି। ଓଭର ହେଡ୍ ପାଣି ଟାଙ୍କି ଜରିଆରେ ପାଇପ ଯୋଗେ ପାଣି ଯୋଗାଇବା ପାଇଁ ପ୍ରସ୍ତାବ ପଠାଯାଇଛି ବୋଲି ସେ କହିଛନ୍ତି। ତେବେ ଜଳକଷ୍ଟ ସମସ୍ୟା ଦୂର କରିବା ଲାଗି ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।



୨ କି.ମି. ଦୂର ଝରଣାରୁ ମହିଳାମାନେ ପାନୀୟ ଜଳ ସଂଗ୍ରହ କରି ଫେରୁଛନ୍ତି।

# ୬ବର୍ଷ ପରେ ଫେରିଲା ପୁଅ



ପରିବାର ଲୋକେ ପିଣ୍ଟୁଙ୍କୁ ଖୁଆଇ ଦେଉଛନ୍ତି।

**ଆନନ୍ଦପୁର, ୮।୧୧(ସ୍ୱ.ପ୍ର.)**

୬ବର୍ଷ ହେଲା ନିଖୋଜ ଥିଲା ପୁଅ। ବହୁ ଖୋଜିଖୋଜି ପରେ ମଧ ତାଙ୍କର ସନ୍ଧାନ ପାଇ ନ ଥିଲେ ପରିବାର ଲୋକେ। ଗୁରୁବାର ନିଖୋଜ ପୁଅ ଘରକୁ ଫେରିଛନ୍ତି। ୬ବର୍ଷ ପରେ ପୁଅକୁ ଦେଖି ପରିବାର ଲୋକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦର ୧୨ ନଂ. ୱାର୍ଡ ଶାଳପଡ଼ା ନୂଆ କଲୋନୀ ସାହିର ସୁରେଶ ସ୍ୱାଇଁ ଓ ପ୍ରମିଳା ସ୍ୱାଇଁଙ୍କ ସାନପୁଅ ପିଣ୍ଟୁ ୨୦୧୬ ନଭେମ୍ବର ୪ରୁ ନିଖୋଜ ଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, ସେହିଦିନ ସକାଳ ୯ଟା ବେଳେ ବାହାରକୁ ଯାଇ ପିଣ୍ଟୁ ଆଉ ଘରକୁ ଫେରି ନ ଥିଲେ। ସେତେବେଳେ ତାଙ୍କୁ ୧୦ବର୍ଷ ହୋଇଥିଲା। ବହୁ ଖୋଜାଖୋଜି କରି ନିରାଶ ହେବା ପରେ ପରିବାର ଲୋକେ ଆନନ୍ଦପୁର ଚାଇଲ୍ଡଲାଇନ ସହାୟତାରେ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୨୮୧/୨୦୧୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ହେଁ ପିଣ୍ଟୁଙ୍କ କୌଣସି ସନ୍ଧାନ ପାଇପାରି ନ ଥିଲା। ପିଲାବେଳୁ ମାନସିକ ସ୍ତରରେ ଅସ୍ଥିର ଥିବା ପିଣ୍ଟୁ ନିକଟରେ ଚନ୍ଦକା ଥାନା ଅଞ୍ଚଳରେ ବୁଲାବୁଲି କରୁଥିଲେ। ଗଣମାଧ୍ୟମ ଦ୍ୱାରା ପ୍ରକାଶ ପାଇଥିବା ଖବର ଆଧାରରେ ସେ ଚନ୍ଦକାସ୍ଥିତ ଚାଇଲ୍ଡ ହେଲ୍ପ ଲାଇନରେ ଆଶ୍ରୟ ନେଇଥିଲେ। ପିଣ୍ଟୁ ସମ୍ପର୍କରେ ପ୍ରକାଶିତ ଖବର ଦେଖି ପରିବାର ଲୋକେ ସ୍ଥାନୀୟ ଚାଇଲ୍ଡଲାଇନ ସହାୟତାରେ ସେଠାରେ ପହଞ୍ଚିଥିଲେ। ଘସିପୁରା ପୋଲିସ ସହାୟତାରେ ଆବଶ୍ୟକ ପ୍ରମାଣପତ୍ର ଦେଖାଇ ପିଣ୍ଟୁଙ୍କୁ ଫେରିପାଇଛନ୍ତି। ପୋଲିସ ତାଙ୍କୁ ଘସିପୁରା ଥାନାରେ ହାଜର କରାଇବା ସହ ଆନନ୍ଦପୁର ଚିକିତ୍ସାଳୟରେ ଆବଶ୍ୟକ ଚିକିତ୍ସା ଯୋଗାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପିଣ୍ଟୁ ଘରକୁ ଫେରିବା ପରେ ପରିବାରର ଖୁସି କହିଲେ ନ ସରେ। ତାଙ୍କ ଭଉଣୀ ମନପସନ୍ଦର ଚିପ୍ସ ଆଉ ବିସ୍କୁଟ ଖୁଆଇବାର ଦୃଶ୍ୟ ଖୁସିର ମାହୋଲ ସୃଷ୍ଟି କରିଥିଲା।

# ବାଲେଶ୍ୱର ଟିମ୍‌ର ଭୁବନେଶ୍ୱର ଯାତ୍ରା



ବାଲେଶ୍ୱର ରେଳଷ୍ଟେଶନରେ ବିଧାୟକ ଓ ପ୍ରଶାସନ ଅଧିକାରୀଙ୍କ ଗହଣରେ ହକି ଖେଳାଳି।

**ବାଲେଶ୍ୱର ଅଫିସ, ୮।୧୧**

**ଓଡ଼ିଶା ସବ୍ ଜୁନିଅର ୱିମେନ ହକି ଟୁର୍ଣ୍ଣାମେଣ୍ଟ**
**ଶୁଭେଚ୍ଛା ଜଣାଇଲେ ନେତା, ଅଧିକାରୀ**

ଓଡ଼ିଶା ସବ୍-ଜୁନିଅର ୱିମେନ ହକି ଟୁର୍ଣ୍ଣାମେଣ୍ଟ-୨୦୨୨ରେ ଭାଗ ନେବା ପାଇଁ ମଙ୍ଗଳବାର ବାଲେଶ୍ୱର ସବ୍-ଜୁନିଅର ୱିମେନ ହକି ଟିମ୍‌ର ଖେଳାଳିମାନେ ଭୁବନେଶ୍ୱର ଯାତ୍ରା କରିଛନ୍ତି। ନକ୍ ଆଉଟ୍ ପର୍ଯ୍ୟାୟରେ ମଙ୍ଗଳବାରଠାରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡ଼ିଅମ ଓ କିଟ୍ ବିଶ୍ୱବିଦ୍ୟାଳୟ ପଡ଼ିଆରେ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ହକି ଟିମ୍ ସହ ଟିମ୍ ମ୍ୟାନେଜର ଲିପିପୁଷ୍ପା ବେହେରା ଓ କୋଚ ଡେଭିଡ ସୋରେନ ବାଲେଶ୍ୱର ରେଳଷ୍ଟେଶନରୁ ଟ୍ରେନ ଯୋଗେ ଯାଇଛନ୍ତି।

ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲାର ବିଭିନ୍ନ ବ୍ଲକରୁ ଶ୍ରେଷ୍ଠ ହକି ଖେଳାଳିଙ୍କୁ ଚୟନ ସହ ଉନ୍ନତମାନର ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ବେଳେ ବାଲେଶ୍ୱର ଟିମ୍ ଟୁର୍ଣ୍ଣାମେଣ୍ଟରେ ନିଶ୍ଚିତ ସଫଳତା ପାଇବ ବୋଲି ବିଧାୟକ ଦାସ ଆଶାପ୍ରକାଶ କରିଥିଲେ। ଜିଲା ହକି ଆସୋସିଏଶନର ସମ୍ପାଦକ ତଥା ଅତିରିକ୍ତ ଜିଲାପାଳ ନୀଳୁ ମହାପାତ୍ର ଓ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏହି ଅବସରରେ ଉପସ୍ଥିତ ରହି ଖେଳାଳିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଖ୍ୟାତିସମ୍ପନ୍ନ ହକି ଖେଳାଳିଙ୍କଠାରୁ ପ୍ରଶିକ୍ଷଣ ପାଇ ବାଲେଶ୍ୱର ଦଳ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବ ବୋଲି ସେମାନେ ଆଶାପ୍ରକାଶ କରିଥିଲେ। ପ୍ରଥମ ଥର ପାଇଁ ରାଜ୍ୟ ସ୍ତରୀୟ ହକି ଚାମ୍ପିୟନଶିପରେ ଭାଗ ନେବା ପାଇଁ ବାଲେଶ୍ୱର ମହିଳା ସବ୍-ଜୁନିୟର ହକି ଦଳ ଭୁବନେଶ୍ୱର ଯାଇଥିବାରୁ ବହୁ ହକିପ୍ରେମୀ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି।

## ରୁସ୍ତମପୁର ଗ୍ରାମରୁ ଚୋରି

**ଖଇରା, ୮।୧୧(ଡି.ଏନ.ଏ.)**

ଖଇରା ଥାନା ଅଧୀନ ରୁସ୍ତମପୁର ଗ୍ରାମରୁ ସୋମବାର ବିଳମ୍ବିତ ରାତିରେ ବଡଧରଣର ଚୋରି ହୋଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି। ଚୋରମାନେ ଗ୍ରାମର ମୁକ୍ତିକାନ୍ତ ମହଲାଙ୍କ ଗ୍ରସେରୀ ଦୋକାନର ପଛପଟ ଝରକା ଭାଙ୍ଗି ନଗଦ ୧୦ହଜାର ଟଙ୍କା ସହ ମୋଟ ୨୫ହଜାର ଟଙ୍କାର ସାମଗ୍ରୀ ଚୋରାଇ ନେଇଥିବା ମହଲା ଖଇରା ଥାନାରେ ଅଭିଯୋଗ କରିଛନ୍ତି। ଖଇରା ଥାନା ଏସ୍‌ଆଇ ମୌସୁମୀ ମହାନ୍ତି, ବାଲେଶ୍ୱର ସାଇଣ୍ଟିଫିକ ଟିମ୍‌ର ଅଧିକାରୀ ସାଲୋ ଟୁଡୁ ପ୍ରମୁଖ ଡଗ୍‌ସ୍କାଡ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ୨ ମାସ ମଧ୍ୟରେ ୨୦ରୁ ଅଧିକ ଚୋରି ଘଟଣା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଚିନ୍ତାରେ ପକାଇଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ହାର୍ଭେଷ୍ଟର ଡ୍ରାଇଭର ମୃତ

**ଜଳେଶ୍ୱର, ୮।୧୧(ଡି.ଏନ.ଏ.)**–ଧାନ ଅମଳ ଋତୁ ଆରମ୍ଭ ହେବାକୁ ଯାଉଥିବାରୁ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ଧାନକଟା ମେଶିନ (ହାର୍ଭେଷ୍ଟର) ଏ ଅଞ୍ଚଳକୁ ଆସିବାରେ ଲାଗିଛି । ଗତ ସୋମବାର ରାତିରେ ଏପରି କେତେକ ହାର୍ଭେଷ୍ଟର ଜଳେଶ୍ୱର ଅଞ୍ଚଳକୁ ଟ୍ରକ୍ ଓ ଟ୍ରାକ୍ଟର ଯୋଗେ ଆସିଥିବା ବେଳେ ଗୋଟିଏ ମେଶିନ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସନାତନ ସାହୁ(୪୦)। ସନାତନ ଓ ରବି ଭୂୟାଁ ଦୁଇ ଡ୍ରାଇଭର ଢେଙ୍କାନାଳରୁ ଏକ ମିନିଟ୍ରକ୍‌ରେ ହାର୍ଭେଷ୍ଟର ଧରି ନଛିମପୁର ଗ୍ରାମକୁ ଆସୁଥିଲେ। ଆମ୍ବଳିଅଠା ଗାଁ ଦେଇ ଗଲା ବେଳେ ରାସ୍ତା ଉପରେ ଓହଳି ରହିଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ସନାତନ ତଳେ ପଡି ଅଚେତ ହୋଇଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଜିକେଭଟ୍ଟର ହସ୍‌ପିଟାଲକୁ ନିଆଯାଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଶୈବପୀଠରେ ଭକ୍ତଙ୍କ ଭିଡ଼



ନୀଳ କଣ୍ଠେଶ୍ୱରଙ୍କ ଦର୍ଶନ ଲାଗି ଆସିଥିବା ଶ୍ରଦ୍ଧାଳୁ।

**ଢେଙ୍କିକୋଟ,୮।୧୧(ଡି.ଏନ.ଏ.)**

କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ କେନ୍ଦୁଝର ଜିଲା ଘଟଗାଁ ବ୍ଲକ ପୌରାଣିକ ପୀଠ ବରହାଟିପୁରାସ୍ଥିତ ବାବା ନୀଳ କଣ୍ଠେଶ୍ୱରଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କ ଭିଡ଼ ଜମିଥିଲା। ଜିଲା ତଥା ଜିଲା ବାହାରର ଶ୍ରଦ୍ଧାଳୁମାନେ ପହଞ୍ଚି ଠାକୁରଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ବରହାଟିପୁରାଠାରେ ପ୍ରତ୍ୟକ ବର୍ଷ ଜାନୁଆରୀ ୧୪ ମକର ସଂକ୍ରାନ୍ତି ପରଠାରୁ ୧୫ ଦିନ ପର୍ଯ୍ୟନ୍ତ ମକର ମେଳା ବସେ। ଏହି ମେଳାକୁ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ବ୍ୟବସାୟୀ ଆସି ବିଭିନ୍ନ ପ୍ରକାରର ସାମଗ୍ରୀର ଦୋକାନ ଖୋଲିଥାନ୍ତି। ଯାତ୍ରା ପାର୍ଟି, ବାରୁଆଳି, ଅସ୍ଥାୟୀ ସିନେମା ହଲ, ରାମଦୋଳି, ଚିଡ଼ିଆଖାନା, ସର୍କସ ଭଳି ବିଭିନ୍ନ ପ୍ରକାର ଦେଖିବା ଭଳି ଜିନିଷ ଆସିଥାଏ। ଏଠାରେ ମହାଦେବଙ୍କ ଦର୍ଶନ କଲେ ମନସ୍କାମନା ପୂରଣ ହେଉଥିବା କିମ୍ବଦନ୍ତୀ ରହିଛି।

# ରୋଷେୟାଙ୍କୁ ମିଳିନି ୮ ମାସର ଦରମା

**କେନ୍ଦୁଝର,୮।୧୧(ସ୍ୱ.ପ୍ର.)**

**ଜିଲାପାଳଙ୍କୁ କଲେ ଗୁହାରି**

କେନ୍ଦୁଝର ସଦର ବ୍ଲକ୍ ମହାଦେଇଯୋଡ଼ା ପଞ୍ଚାୟତର ଟିକରପଡ଼ା, ଡାଲିମ୍ବାପୁର, ସଲରାପେଣ୍ଠ, ମଦରଙ୍ଗାଯୋଡ଼ି, ନାଉପଦା, କମ୍ପୋଡ଼ିହ, ବଳଦାପାଳ, ଖୁଣ୍ଟାପଡ଼ା, ଧାତିକା, କୁଡ଼ିଆଘର, ରଥମରା, ବୁରୁଡ଼ି, କାଦଗଡ଼ର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ କାମ କରୁଥିବା ରୋଷେୟାମାନଙ୍କୁ ଦରମା ମିଳୁ ନ ଥିବା ଜିଲାପାଳଙ୍କୁ ଗୁହାରୀ କରିଛନ୍ତି। ଦୀର୍ଘ ୮ ମାସ ହେଲା ଦରମା ପାଇ ନ ଥିବାରୁ ସେମାନେ ଧାର କରଜ କରି ବହୁ ଅସୁବିଧାରେ ପରିବାର ଚଳାଉଥିବା ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଭାବେ ଜଣାଇଛନ୍ତି। ଗରିବ ଆଦିବାସୀ ପରିବାରର ହୋଇଥିବାରୁ ସେମାନଙ୍କୁ ଅବହେଳା କରାଯାଉଛି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ତୁରନ୍ତ ସେମାନଙ୍କ ପ୍ରାପ୍ୟ ଦେବାକୁ ରୋଷେୟା ଛାୟାମଣୀ ମାଝୀ, ନନ୍ଦିନୀ ମହାନ୍ତ, ବରାଟ ନାଏକ, କଇଁ ନାଏକ ପ୍ରମୁଖ ନିବେଦନ କରିଛନ୍ତି।

# ଶ୍ରୀଅରବିନ୍ଦ ରଥକୁ ସ୍ୱାଗତ

**ତେଲକୋଇ,୮।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇସ୍ଥିତ ଶ୍ରୀଅରବିନ୍ଦ ଶିକ୍ଷାନୁଷ୍ଠାନରେ ପହଞ୍ଚିଥିବା ଶ୍ରୀଅରବିନ୍ଦଙ୍କ ସଚେତନତା ରଥକୁ ସ୍ୱାଗତ କରାଯାଇଛି। ଆଖପାଖ ଗ୍ରାମର ମା' ଓ ଭଉଣୀମାନେ ମୁରୁଜ ପକାଇ ,ଶୁଭ କଳସ ବସାଇ ଓ ପୁଷ୍ପ ସଜ୍ଜାରେ ଏହି ରଥକୁ ସ୍ୱାଗତ କରିଥିଲେ। ପାରମ୍ପରିକ ବାଦ୍ୟ ଯନ୍ତ୍ର ଧ୍ୱନୀରେ ରଥକୁ ପାଛୋଟି ନିଆଯାଇଥିଲା। ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ସ୍କୁଲ ପରିସରରେ ଏକତ୍ରିତ ହୋଇ ସ୍ୱାଗତ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା।

# କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା

**ଭଦ୍ରକ ଅଫିସ,୮।୧୧**

ଭଦ୍ରକରେ ମଙ୍ଗଳବାର କଂଗ୍ରେସ ପକ୍ଷରୁ ଭାରତ ଯୋଡ଼ୋ ଯାତ୍ରା କରାଯାଇଛି। ଜିଲା ସଭାପତି ସୁବ୍ରତ ଦାସ ଏହାର ନେତୃତ୍ୱ ନେଇଥିଲେ। ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ରାଜ୍ୟ ମହିଳା ସଭାନେତ୍ରୀ ବନ୍ଦିତା ପରିଡା, ଭାରତ ଯୋଡ଼ୋ ଯାତ୍ରାର ରାଜ୍ୟ ସଂଯୋଜକ ମାନସ ଚୌଧୁରୀ, ହରିଜନ ମୋର୍ଚ୍ଚା ସଭାପତି ବାଙ୍କନିଧି ବେହେରା, ବାଲେଶ୍ୱର ସଂସଦୀୟ କ୍ଷେତ୍ର ନେତା ନବଜ୍ୟୋତି ପଟ୍ଟନାୟକ, ପଦ୍ମାକର ଗୁରୁ, ଅଭିଷେକ ନନ୍ଦ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଭଦ୍ରକ ବିଧାନସଭା କ୍ଷେତ୍ର ନେତା ନଳିନୀକାନ୍ତ ମହାନ୍ତି, ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ଏଥିରେ ସାମିଲ ଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା, ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ଲୋକଙ୍କୁ ସଚେତନ କରାଇବା ସହ ସାଧାରଣ ଗରିବ ଲୋକଙ୍କୁ ନ୍ୟାୟ ଦେବା ପାଇଁ ଏହି ଯାତ୍ରାର ଉଦ୍ଦେଶ୍ୟ ବୋଲି ଦଳୀୟ ନେତୃବୃନ୍ଦ କହିଥିଲେ। ଧାମନଗର ଛକଠାରୁ ପଦଯାତ୍ରା ବାହାରି ଭଦ୍ରକ ଗେଲପୁର ଛକଠାରେ ପହଞ୍ଚିବା ପରେ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେଠାରୁ ପଦଯାତ୍ରାରେ ଜିଲାପାଳ ଅଫିସ, ଅପର୍ତିବିନ୍ଧା ଛକ, ମେଡିକାଲ ଛକ ଦେଇ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଅପରାହ୍ନରେ ସେଠାରୁ ବାହାରି ଚରମ୍ପା ଦେଇ ରାଣୀତାଲ ନିକଟରେ ବିଦାୟ ଦିଆଯାଇଥିଲା। ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ଦଳୀୟ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ।



ଭାରତ ଯୋଡ଼ୋ ଯାତ୍ରାରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ ଦଳୀୟ ନେତୃବୃନ୍ଦ।

# ୧୫ କି.ମି. ଦୂରରେ ନୂତନ ଆର୍‌ଆଇ ଅଫିସ

**ଖଇରା, ୮।୧୧(ଡି.ଏନ.ଏ.)**

**ଖର୍ଚ୍ଚାନ୍ତ ନେଇ ଲୋକେ ଅସନ୍ତୁଷ୍ଟ**

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନରେ କିଛିମାସ ତଳେ ୩ଟି ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଛି। ହେଲେ କିଛି ଗ୍ରାମବାସୀ ଯାତାୟାତ ସୁବିଧାକୁ ଅଣଦେଖା କରି ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଥିବାରୁ ସାରଡାଙ୍ଗ ଓ ବଡନୂଆଗାଁ ଭଳି ପଞ୍ଚାୟତ ୧୦ଗ୍ରାମର ୫ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଘର ନିକଟରେ ଥିବା ଆରଆଇ ଅଫିସ ଛାଡି ଖର୍ଚ୍ଚାନ୍ତ ହୋଇ ୧୫କି.ମି. ଦୂରରେ ଥିବା ଅଫିସକୁ ଯିବା ପାଇଁ ବାଧ ହେଉଛନ୍ତି । ଏହାର ସମାଧାନ ପାଇଁ ସେପ୍ଟେମ୍ବର ୨୬ତାରିଖରେ ଥିବା ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ବଡନୂଆଗାଁ ପଞ୍ଚାୟତ କୁମାରମୌଦା ଗ୍ରାମବାସୀ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କୁ ଏ ବିଷୟରେ ଲିଖିତ ଭାବେ ଅବଗତ କରାଇଛନ୍ତି । ପ୍ରତିକାର ପାଇଁ ଦୂରତା ଆଧାରରେ ଗ୍ରାମଗୁଡିକ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନରେ ରଖିବାକୁ ଦାବି ହୋଇଛି।

ସରକାରଙ୍କ ଚିଠି (ନଂ. ୧୮୨୮୨୧ଆରଏଫଡିଏମ) ଅନୁଯାୟୀ ୨୦୨୧ ଜୁନ୍ ୨୫ ତାରିଖରେ ତହସିଲ ଅଧୀନରେ ଗୋଳିହା, ମହତୀପୁର, କୋଚିଆକୋଇଲି ଭଳି ୩ଟି ନୂଆ ଆରଆଇ ଅଫିସ ପ୍ରତିଷ୍ଠା ହୋଇଛି । ପୂର୍ବରୁ ୯ଟି ଆରଆଇ ଅଫିସ ଥିବା ବେଳେ ନୂତନ ଭାବେ ଗଠିତ ୩ଟିକୁ ମିଶାଇ ବର୍ତ୍ତମାନ ୧୨ଟି କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ଅଛି । ହେଲେ ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ବେଳେ ପୂର୍ବରୁ ଦୀର୍ଘଦିନ ଧରି ଯାତାୟାତ ସମସ୍ୟା ଭୋଗୁଥିବା ଗ୍ରାମଗୁଡିକୁ ବିଚାରକୁ ନିଆ ନ ଯିବା ଯୋଗୁ ଏହି ଆର୍‌ଆଇ ଅଫିସ ଗଠନ ବିଶେଷ ଉପଯୋଗୀ ହୋଇପାରୁନାହିଁ। ସାଉଣ୍ଟିଆ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନରେ ଥିବା ସାରଡାଙ୍ଗ ପଞ୍ଚାୟତର ଅଲିପୁର, ଦାମୋଦରପୁର, ଭୁଆଁଳଗଡିଆ, ହନ୍ନବାବି ଆଦି ଗ୍ରାମର ଦୂରତା ୧୫କି.ମି. ହୋଇଥିବାରୁ ଏବଂ ରାସ୍ତା ମଧ ଠିକ୍ ନ ଥିବାରୁ ଗ୍ରାମଗୁଡିକର ଅଧିବାସୀଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ସାଉଣ୍ଟିଆ ଯିବାକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ନୂତନ ଭାବେ ଗଠିତ ମହତୀପୁର ଏବଂ ଗୋଳିହା ଆରଆଇ କାର୍ଯ୍ୟାଳୟଠାରୁ ଉକ୍ତ ଗ୍ରାମଗୁଡିକର ଦୂରତା ୩କି.ମି. ହୋଇଥିବା ବେଳେ ଗ୍ରାମଗୁଡିକୁ ଏହା ଅଧୀନରେ ରଖା ନ ଯିବା ପରିତାପର ବିଷୟ ବୋଲି ଭୁଆଁଳଗଡିଆର ୱାର୍ଡସଭ୍ୟ ଚକ୍ରଧର ବେହେରା ଓ ଦାମୋଦରପୁର ଗ୍ରାମର ୱାର୍ଡସଭ୍ୟ ସୌରଭ ରଞ୍ଜନ ମହାନ୍ତି କହିଛନ୍ତି। ସେହିଭଳି ବଡନୂଆଗାଁ ପଞ୍ଚାୟତ କୁମାରମୌଦା, ସଇଁ, ବଡନୂଆଗାଁ ଏବଂ ପଙ୍କପାଳ ଆଦି ଗ୍ରାମର ଦୂରତା ବର୍ତ୍ତନା ଆରଆଇ ଅଫିସଠାରୁ ମାତ୍ର ୧କି.ମି. ହୋଇଥିବା ବେଳେ ଗ୍ରାମଗୁଡିକୁ ୧୨କି.ମି. ଦୂର ଡୁଙ୍ଗୁରା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନରେ ରଖାଯାଇଥିବାରୁ ସେମାନଙ୍କୁ ଯନ୍ତ୍ରଣା ଭୋଗିବାକୁ ପଡୁଛି ବୋଲି ପୂର୍ବତନ ୱାର୍ଡସଭ୍ୟ କାର୍ତ୍ତିକ ବେହେରା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ମହେନ୍ଦ୍ର କୁମାର ବେହେରାଙ୍କୁ ପଚାରିବାରେ ଆଗକୁ ଆରଆଇ ଅଫିସ ଦୂରତାକୁ ଦେଖି ପୁନର୍ଗଠନ କରାଯିବା ସମୟରେ ଅଭିଯୋଗ ସମ୍ପର୍କରେ ବିଚାର କରାଯିବ ବୋଲି କହିଛନ୍ତି ।

## ଘରେ ପଶି ଟଙ୍କା, ସୁନା ଲୁଟି ନେଲେ

ସାରସକଣା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ଘିଆଯୋଡ଼ି ଗ୍ରାମର ଅଲିଭା ଦଣ୍ଡପାଟଙ୍କ ଘରୁ ମଙ୍ଗଳବାର ଦ୍ୱିପ୍ରହର ସମୟରେ ଚୋରି ହେବା ନେଇ ଅଭିଯୋଗ ହୋଇଛି। ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଦୁଇ ଦୁର୍ବୃତ୍ତ ବାଇକ୍ ଯୋଗେ ଆସି ଡ୍ରେସିଂ ଟେବୁଲରେ ଥିବା ଏକ ସୁନା ମଙ୍ଗଳସୂତ୍ର ଓ ୧୫୦୦ଟଙ୍କା ନେଇ ପଳାଇ ଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଖବରପାଇ ଝାରପୋଖରିଆ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା(ନଂ. ୨୫୬/୨୨) ରୁଜୁ ହୋଇଛି।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ:ବାଲିଆପାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କ୍ରୀତିକ୍ରିଷ୍ଣାଙ୍କୁ ସ୍ୱଦେଶ ଭୂଷଣ, ଗ୍ରେଟ୍ ଆର୍ଟିଷ୍ଟ ଆୱାର୍ଡ



ଧାମନଗର, ୮।୧୧(ସ୍ୱ.ପ୍ର.)- ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ କଟସାହି ପଞ୍ଚାୟତ ବଉଳନାଳି ଶାସନର ଚିତ୍ରଶିଳ୍ପୀ କ୍ରୀତିକ୍ରିଷ୍ଣା ପଣ୍ଡା (୧୮)ଙ୍କୁ ଉତ୍ତରପ୍ରଦେଶ ଅଯୋଧ୍ୟାଠାରେ ୭ମ ସ୍ୱଦେଶ ସମ୍ମାନ ସମାରୋହରେ ସମ୍ମାନିତ କରାଯାଇଛି। ସ୍ୱଦେଶ ସଂସ୍ଥାନ ଭାରତ ସାଗର କଳା ଭବନ ଦ୍ୱାରା ଆୟୋଜିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଏହି ସମ୍ମାନ ଦିଆଯାଇଛି। ଅନ୍ତଃରାଷ୍ଟ୍ରୀୟ ରାମକଥା ସଂଗ୍ରହାଳୟ ଓ ଆର୍ଟ ଗ୍ୟାଲେରୀ ଏବଂ ଅଯୋଧ୍ୟା ସଂସ୍କୃତି ବିଭାଗର ମିଳିତ ସହଯୋଗ ଓ ସ୍ୱଦେଶ ସଂସ୍ଥାନ ଭାରତର ନିର୍ଦ୍ଦେଶକ ଏସ୍. ବି. ସାଗର ପ୍ରଜାପତିଙ୍କ ସଭାପତିତ୍ୱରେ ଅକ୍ଟୋବର ୩୦ ଓ ୩୧ ଦୁଇଦିନ ଧରି ଏହି ସମାରୋହ ଅନୁଷ୍ଠିତ ହୋଇଥିଲା। ସମାରୋହରେ ଯୋଗ ଦେଇଥିବା ଅତିଥିମାନଙ୍କ ଦ୍ୱାରା ଅନ୍‌ଲାଇନ ମାଧମରେ କ୍ରୀତିକ୍ରିଷ୍ଣାଙ୍କୁ ସ୍ୱଦେଶ ଭୂଷଣ ସମ୍ମାନ-୨୦୨୨ ଓ ଗ୍ରେଟ୍ ଆର୍ଟିଷ୍ଟ ଆୱାର୍ଡ-୨୦୨୨ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ଡାକ ଯୋଗେ ଉତ୍ତରୀୟ, ଫଳକ ଓ ସମ୍ମାନପତ୍ର ଆୟୋଜକଙ୍କ ପକ୍ଷରୁ ପ୍ରେରଣ କରାଯାଇଛି। କ୍ରୀତିକ୍ରିଷ୍ଣା ତିନିମାସ ପୂର୍ବରୁ ଅନ୍‌ଲାଇନରେ ଆବେଦନ କରିଥିବା ବେଳେ ତାଙ୍କୁ ସମ୍ମାନିତ ପାଇଁ ନିମନ୍ତ୍ରଣ କରାଯାଇଥିଲା। ସମୟ ଅଭାବରୁ ଉକ୍ତ ସମାରୋହରେ ସେ ଭାଗ ନେଇପାରି ନ ଥିଲେ ବୋଲି ତାଙ୍କ ବାପା ଆଇନଜୀବୀ ସ୍ନେହାଶିଷ ପଣ୍ଡା କହିଛନ୍ତି।

# 'କ୍ଷତିଗ୍ରସ୍ତ ଧାନଚାଷ ଦେଖିଲେ, ଚାଷୀଙ୍କୁ ସଚେତନ କଲେ'

### ଜଳେଶ୍ୱରରେ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ

ଜଳେଶ୍ୱର, ୮।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱରର ବିଭିନ୍ନ ଅଞ୍ଚଳରେ ଚକଡାପୋକ ବ୍ୟାପିବାରେ ଲାଗିଛି । ଏ ସମ୍ପର୍କରେ ଧରିତ୍ରୀରେ ପ୍ରକାଶ ପାଇବା ପରେ ମଙ୍ଗଳବାର ଜିଲା କେଭିକେ (କୃଷି ବିଜ୍ଞାନ କେନ୍ଦ୍ର)ର ବୈଜ୍ଞାନିକ ଜଳେଶ୍ୱର ଅଞ୍ଚଳର ବିଭିନ୍ନ ପଞ୍ଚାୟତ ବୁଲି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଅତିଶୀଘ୍ର ନିର୍ଦ୍ଦିଷ୍ଟ କୀଟନାଶକ ଓ କେତେକ ପ୍ରଣାଳୀ ଚାଷୀମାନେ ଆପଣେଇବାକୁ ସେମାନେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ସେମାନେ ସରକାରଙ୍କୁ ସବିଶେଷ ତଥ୍ୟ ଜଣାଇବେ ବୋଲି ଚାଷୀଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି ।

ଚଳିତବର୍ଷ ଜଳେଶ୍ୱରରେ ୨୧ହଜାର ହେକ୍ଟର ଜମିରେ ଧାନ ଚାଷ ହେବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ପ୍ରତିକୂଳ ପାଗ ଯୋଗୁ ୧୯୫୦୦ହେକ୍ଟର ଜମିରେ ରୁଆପୋତା ହୋଇଥିଲା। ଏବେ ବାୟୁମଣ୍ଡଳରେ ତାପମାତ୍ର ଆଶାତୀତ ଭାବେ କମି ନ ଥିବାରୁ ତଥା ଅଧିକ ଉତ୍ତାପ ଦେଖାଦେଉଥିବାରୁ ଚକଡାପୋକ ଅଧିକ ମାତ୍ରାରେ ବ୍ୟାପୁଥିବା କେଭିକେ ବୈଜ୍ଞାନିକ ଡ. ସ୍ୱାଗତିକା ସାହୁ ଓ ଡ. କମଳାକାନ୍ତ ବେହେରା ସୂଚନା ଦେଇଛନ୍ତି। ସେମାନେ ବର୍ତ୍ତନା, ଝୁଲୁଡା, ଗୋପୀମୋହନପୁର, ଆରୁହା ଓ ପଶ୍ଚିମବାର୍ଡ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ବୁଲି ଚକଡାପୋକ ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ପରିସ୍ଥିତି ଦେଖି ସେମାନେ ଚାଷୀମାନଙ୍କୁ ସାନ୍ତ୍ୱନା ଦେବା ସହ ନିର୍ଦ୍ଦିଷ୍ଟ ଗୋଟିଏ ପ୍ରକାର କୀଟନାଶକ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି । ଧାଡିକୁ ଧାଡି ପାହି ସୃଷ୍ଟି କରି ସିଞ୍ଚନ ବେଳେ କୀଟନାଶକ ଧାନଗଛର ମୂଳ ଯାଏ ଯେପରି ସ୍ପର୍ଶ କରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଚାଷୀମାନଙ୍କୁ କହିଛନ୍ତି । କେତେକ ଚାଷୀ ୩/୪ ପ୍ରକାର ଔଷଧ ମିଶ୍ରଣ କରି ସିଞ୍ଚନ କରୁଥିବାରୁ ଏହାକୁ ସେମାନେ ବାରଣ କରିଛନ୍ତି। ଅନ୍ୟପକ୍ଷରେ ଆବଶ୍ୟକ କୀଟନାଶକ ରିହାତି ମୂଲ୍ୟରେ ଯୋଗାଇ ଦେବାକୁ ବହୁ କୃଷକ ସଂଘ, କୃଷକ ସଭା, ନେତୃମଣ୍ଡଳୀ ଓ ଅଭିଜ୍ଞ କୃଷକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜଳେଶ୍ୱର ଗୋଷ୍ଠୀ କୃଷି ଅଧିକାରୀ ସଞ୍ଜୟ ରାଉତଙ୍କୁ ପଚାରିବାରୁ ପ୍ରତି ପଞ୍ଚାୟତରେ ଏ ରୋଗର ପ୍ରାଦୁର୍ଭାବ ଦେଖାଦେଇଥିବା ଓ ନିର୍ଦ୍ଦିଷ୍ଟ ଔଷଧ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲେ ମଧ୍ୟ କୃଷକମାନେ ଏକାଧିକ ଔଷଧ ପ୍ରୟୋଗ କରୁଥିବାରୁ ରୋଗ ନିରାକରଣ ହୋଇପାରୁନାହିଁ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଇବଣିଆ କୃଷି ଅଧିକାରୀ ରାଜଲକ୍ଷ୍ମୀ ମହାନ୍ତି, ସେକ୍‌ଅବଦୁଲ ରାଜା, ବୀରେନ୍ଦ୍ର ମଲ୍ଲିକ, ପଦ୍ମଲୋଚନ ବାରିକ ପ୍ରମୁଖ କୃଷିବୈଜ୍ଞାନିକଙ୍କ ସହିତ ବିଭିନ୍ନ ଅଞ୍ଚଳ ପରିଦର୍ଶନରେ ଯାଇଥିଲେ ।



ଧାନ ଜମିରେ ବୈଜ୍ଞାନିକମାନେ ଅନୁଧ୍ୟାନ କରୁଛନ୍ତି।

# ସାଗରସାଥୀ ବୋଇତ ବନ୍ଦାଣ ମହୋତ୍ସବ



ସାଧବପୁଅ ବେଶରେ ବୋଇତ ଯାତ୍ରା।

ବାସୁଦେବପୁର,୮।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଗମେଇ ନଦୀର ଚୂଡ଼ାମଣି ଶାଶୁଭୂଆଶୁଣୀ ଘାଟରେ ମଙ୍ଗଳବାର ପଞ୍ଚଦଶ ବାର୍ଷିକ ସାଗରସାଥୀ ବୋଇତ ବନ୍ଦାଣ ମହୋତ୍ସବ-୨୦୨୨ ଉଦ୍‌ଘାଟିତ ହୋଇଯାଇଛି। ସାଗରସାଥୀ ବୋଇତ ବନ୍ଦାଣ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ୨ଦିନ ବ୍ୟାପୀ ମହୋତ୍ସବର ପ୍ରଥମ ଦିବସରେ ମା' ମଙ୍ଗଳାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅଞ୍ଚଳର ଆରାଧ୍ୟ ଦେବୀ ଶାଶୁଭୁଆଶୁଣୀଙ୍କ ପୀଠରେ ପୂଜାପାଠ କରାଯାଇଥିଲା। ଏହି ପୀଠରୁ ୭ ସାଧବ ପୁଅ ବେଶରେ ସଜ୍ଜିତ ଥିବା ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଡ. ଦୀପ୍ତିରଞ୍ଜନ ମିଶ୍ର, ସରପଞ୍ଚ ଚନ୍ଦ୍ରକାନ୍ତ ମଲିକ, ଉମାକାନ୍ତ ମଲିକ, ସନ୍ତୋଷ କୁମାର ମହାରଣା, ପ୍ରଦୀପ କୁମାର ରାଉତ ଓ ମନୋରଞ୍ଜନ ରାଉତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ସେମାନେ ମା' ଶାଶୁଭୁଆଶୁଣୀଙ୍କୁ ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ବାହାରି ମୁହାଣ ଅଭିମୁଖେ ଯାଇଥିଲେ। ସେଠାରୁ ଏକ ସୁସଜ୍ଜିତ ବୋଇତରେ ସମୁଦ୍ରକୁ ଯାତ୍ରା କରିଥିଲେ। ବୋଇତ ପ୍ରତ୍ୟାବର୍ତ୍ତନ ପରେ ଗୁଳାପଡ଼ିଆରେ ସଭା ଅନୁଷ୍ଠିତ ହୋଇଥିଲା। ପରିଷଦର ସଭାପତି ଶଶିକାନ୍ତ ନାୟକ ସଭାପତିତ୍ୱ ଓ ସମ୍ପାଦକ ହେମନ୍ତ ଜେନା ବିବରଣୀ ପାଠ କରିଥିଲେ। ଆଇନଜୀବୀ ସୁନନ୍ଦ ମଲିକ ଅତିଥି ପରିଚୟ ଦେଇଥିଲେ। ଉପସଭାପତି ଅନନ୍ତ ମଲିକ, ପୂର୍ଣ୍ଣଚନ୍ଦ୍ର ରଣା ପ୍ରମୁଖ ପରିଚାଳନା କରିଥିଲେ।

# ଅନୁଧ୍ୟାନ କଲେ ପିସିସିଏଫ୍

### ତୀରବିଦ୍ଧ ଗର୍ଭିଣୀ ହାତୀର ମୃତ୍ୟୁ ଘଟଣା

କେନ୍ଦୁଝର,୮।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ କଳାପାଟ ସଂରକ୍ଷିତ ଜଙ୍ଗଲରୁ ସୋମବାର ଏକ ମା' ଓ ଛୁଆ ହାତୀର ଗଳିତ ମୃତଦେହ ବନ ବିଭାଗ ଠାବ କରିଥିଲା। ମା' ହାତୀକୁ ତୀର ବିଦ୍ଧ କରି ହତ୍ୟା କରାଯାଇଥିବା ବ୍ୟବଚ୍ଛେଦରୁ ଜଣାପଡ଼ିଛି। ତୀରଟି ପାକସ୍ଥଳୀ ଦେଇ ଗର୍ଭାଶୟକୁ ଭେଦ କରିଥିଲା। ଅସହ୍ୟ ଯନ୍ତ୍ରଣା ଯୋଗୁ ଅପରିପକ୍ୱ ଛୁଆ ଜନ୍ମ ଦେବା ପରେ ମା' ହାତୀର ମୃତ୍ୟୁ ଘଟିଛି। ଏହି ଘଟଣାରେ ଭୁବନେଶ୍ୱର ବନ୍ୟପ୍ରାଣୀ ପିସିସିଏଫ୍ ଏସ୍. କେ. ପୁପୁଲ ମଙ୍ଗଳବାର କଳାପାଟ ସଂରକ୍ଷିତ ଜଙ୍ଗଲ ଅଞ୍ଚଳକୁ ଆସି ହାତୀ ମୃତ୍ୟୁର କାରଣ ଖୋଜିବା ସହ ବିଭାଗ ପକ୍ଷରୁ ନିଆଯାଇଥିବା ସତର୍କତା ପଦକ୍ଷେପ, ଅବହେଳା ଆଦି ଅନୁଧ୍ୟାନ କରିଛନ୍ତି। ସେହିପରି ବନ ବିଭାଗ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେ ତଥ୍ୟ ସଂଗ୍ରହ କରିଛନ୍ତି। ତାଙ୍କ ସହ କେନ୍ଦୁଝର ଡିଏଫ୍‌ଓ ଏଚ୍. ଡି. ଧନରାଜ ଓ ଅନ୍ୟ ଅଧିକାରୀ ଗସ୍ତ କରିଥିଲେ।

ଅଦ୍ୟାବଧି ଏହି ଘଟଣାରେ କାହାରି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ଦେଖାଦେଇଛି। ଗିରଫଦାରୀ ଭୟରେ ସ୍ଥାନୀୟ ଆଦିବାସୀମାନେ ଅନିଶ୍ଚିତତା ମଧ୍ୟରେ ରହିଥିବା ବେଳେ ଏହାର ଠିକ୍‌ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହେଉଛି। ସେହିପରି ନିୟମିତ ହାତୀ ଚଳପ୍ରଚଳକୁ ନିରୀକ୍ଷଣ କରାଯାଇ ରିପୋର୍ଟ ପଠା ଯାଉଥିବା ବେଳେ ବନ ବିଭାଗ ଏହି ହାତୀ ମୃତ୍ୟୁ ବିଷୟରେ କିପରି ଜାଣିପାରିଲା ନାହିଁ, ତାହା ହାତୀମାନଙ୍କ ସୁରକ୍ଷା ପାଇଁ କରାଯାଇଥିବା ଟ୍ରାକିଂ ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପଟେ ଉକ୍ତ ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି। ବନ ବିଭାଗ ଲୋକଙ୍କ ଧନଜୀବନ ସୁରକ୍ଷା କରିପାରୁ ନ ଥିବାରୁ ଅସନ୍ତୋଷ ଲାଗି ରହିଛି। ଏଣୁ ହାତୀମାନଙ୍କୁ ଘଉଡ଼ାଇବା ପାଇଁ ଲୋକେ ତୀର ମାରିଥିବା ସନ୍ଦେହ କରାଯାଉଛି। ସେହିପରି ମଣିଷ ଓ ହାତୀ ମଧ୍ୟରେ ବୃଦ୍ଧି ପାଉଥିବା ତିକ୍ତତାର ସୁଯୋଗ ନେଇ ଶିକାରୀମାନେ ଶିକାର କରିବାକୁ ବୁଲୁଥିବା ବେଳେ ସେମାନେ ଦନ୍ତା ହାତୀ ଶିକାର କରିବାକୁ ଯାଇ ବିଷ ମିଶା ତୀର ମାଇ ହାତୀକୁ ମାରିଥିବା ଆଶଙ୍କା କରାଯାଉଛି। ସୂଚନାଯୋଗ୍ୟ, କିଛିଦିନ ତଳେ ବନ ବିଭାଗ ତେଲକୋଇ ରେଞ୍ଜ ଅଞ୍ଚଳରୁ ବନ୍ଧୁକ ଜବତ କରିବା ସହ ଦୁଇଜଣ ସନ୍ଦିଗ୍ଧଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଣୁ ଏହି ଘଟଣାର ଠିକ୍ ଭାବେ ତଦନ୍ତ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

## ଅନାଥ ଆଶ୍ରମରେ ପାଳିଲେ ଶ୍ରାଦ୍ଧୋତ୍ସବ

ଭଣ୍ଡାରିପୋଖରୀ, ୮।୧୧(ସ୍ୱ.ପ୍ର.)

ଭଣ୍ଡାରିପୋଖରୀ ବ୍ଲକ ଚୁନିଦା ଅଞ୍ଚଳର ସାମାଜିକ କର୍ମୀ, ଯାଦବ ନେତା ସ୍ୱର୍ଗତ ଦୁର୍ଯ୍ୟୋଧନ ବେହେରାଙ୍କ ଶ୍ରାଦ୍ଧୋତ୍ସବ ଲାଙ୍ଗୁଡି ହରିପୁରସ୍ଥିତ ଦରିଦ୍ର ନାରାୟଣ ସେବା ମନ୍ଦିର ଅନାଥ ଆଶ୍ରମରେ ପାଳିତ ହୋଇଯାଇଛି। ଯୁବ ଯାଦବ ମହାସଭାର ଜିଲା ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱ ଓ କୃଷ୍ଣଚନ୍ଦ୍ର ବେହେରାଙ୍କ ଆବାହକତ୍ୱରେ ରାଜ୍ୟ ଯୁବ ଯାଦବ ସମ୍ପାଦକ ଅମର ନାୟକ, ଜିଲା ସମ୍ପାଦକ ସନ୍ତୋଷ ଦାସ, ଉପସଭାପତି ସଞ୍ଜୀବ ନାୟକ, ଆଶ୍ରମ ସମ୍ପାଦକ ମୁକ୍ତିକାନ୍ତ ନାୟକ, ମହେଶ୍ୱର ଲେଙ୍କା ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପିଲାମାନଙ୍କୁ ଖୁସି କରିବା ପାଇଁ ସଙ୍ଗୀତ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇଥିଲା। ସ୍ୱର୍ଗତ ବେହେରାଙ୍କ ପୁଅ କୃଷ୍ଣଚନ୍ଦ୍ର ଓ ଝିଅ ସନ୍ତୋଷୀ ମା' ମନ୍ଦିର ପ୍ରତିଷ୍ଠାତା ବାସନ୍ତୀଲତା ପରିଡ଼ାଙ୍କ ସମେତ ପରିବାର ସହଯୋଗରେ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ଆଶ୍ରମର ଅନ୍ୟତମ ପ୍ରତିଷ୍ଠାତା ବିଜୟ ଦାସ, ତାପସ ଜେନା, ନିବେଦିତା ଲେଙ୍କା, ସନ୍ଦୀପ ନାୟକ, ବନମାଳୀ ନାୟକ, ଭାଗୀରଥି ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଆଶ୍ରମକୁ ଯାତାୟାତ ରାସ୍ତା ମରାମତି ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି କୁହାଯାଇଛି।

# ବିଭିନ୍ନ ସ୍ଥାନରେ ଭସାଇଲେ ଡଙ୍ଗା



ବସନ୍ତିଆଠାରେ ଭସାଯାଇଥିବା ବୋଇତ।

ବନ୍ତ,୮।୧୧ (ଡି.ଏନ୍.ଏ.)

ବନ୍ତ ବ୍ଲକର ବିଭିନ୍ନ ସ୍ଥାନରେ ରାହାସ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ରାତି ଅଧରୁ ମହିଳା ଓ ପୁରୁଷ ଶ୍ରଦ୍ଧାଳୁମାନେ ଗ୍ରାମ ପୁଷ୍କରିଣୀରେ ଡଙ୍ଗା ଭସାଇବା ସହ ମନ୍ଦିରରେ ଶିବ ଠାକୁରଙ୍କୁ ଦର୍ଶନ କରିଥିଲେ। ବସନ୍ତିଆ ଫ୍ରେଣ୍ଡ୍‌ସ ୟୁଥ୍ କ୍ଲବ ପକ୍ଷରୁ ୩୫ତମ ବୋଇତ ବନ୍ଦାଣ ଉତ୍ସବ ଆରମ୍ଭ ହୋଇଛି। ବନ୍ତ ଥାନାଧିକାରୀ ଆଦିତ୍ୟ ପ୍ରସାଦ ଜେନା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଜ୍ଞାନ ରଞ୍ଜନ ପଣ୍ଡାଙ୍କ ଦ୍ୱାରା କଳସ ଅଣାଯାଇ ରାଧାକୃଷ୍ଣଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ କୁଳମଣି ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସୁନ୍ଦର ତୋରଣ ସାଙ୍ଗକୁ ଆଲୋକ ସଜ୍ଜାରେ ପୂଜା ମଣ୍ଡପ ଆକର୍ଷଣୀୟ ହୋଇଛି। ସେହିପରି ବସନ୍ତିଆସ୍ଥିତ ମା' ମଙ୍ଗଳା ଯୁବକ ସଂଘ ପକ୍ଷରୁ ଏହି ଉତ୍ସବ ପାଳନ କରାଯାଇଛି। ବେଗନାସ୍ଥିତ ରାଧାକୃଷ୍ଣ କମିଟି ପକ୍ଷରୁ ଅନୁଷ୍ଠିତ ଉତ୍ସବକୁ ସରପଞ୍ଚ ରଜନୀ ସେଠୀ ଓ ଟିଲୋ ବଡ଼ସାହିରେ ଆୟୋଜିତ ଉତ୍ସବକୁ ସରପଞ୍ଚ ସଂଗ୍ରାମ କେଶରୀ ଜେନା ଉଦ୍‌ଘାଟନ କରିଥିଲେ। ନିଲୋକସ୍ଥିତ ମହାଦେବ ମନ୍ଦିର ପାର୍ଶ୍ୱରେ ଅନୁଷ୍ଠିତ ଉତ୍ସବରେ ସଂଗ୍ରାମ କେଶରୀ ଦାଶ, ସ୍ମୃତି ରଞ୍ଜନ ଦାଶ ଓ ଲକ୍ଷ୍ମୀପ୍ରିୟା ପଣ୍ଡା କଳସ ଆଣିଥିଲେ। ସେହିପରି ଗଣିଜାଙ୍ଗ, ଓଡଙ୍ଗ, ରାମକୃଷ୍ଣପୁର, ରାମପୁର, ଛୟାଳସିଂ ଆଦି ପଞ୍ଚାୟତରେ ଏହି ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି।

## ମୁନିଲାଲ ହାଇସ୍କୁଲରେ 'ସୁନେତ୍ର' କାର୍ଯ୍ୟକ୍ରମ

ବୈଶିଙ୍ଗା,୮।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗାଠାରେ ରାଜ୍ୟ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା ପିଲାମାନଙ୍କର ଚକ୍ଷୁ ପରୀକ୍ଷା ସମ୍ପର୍କୀତ ଏକ କ୍ଲଷ୍ଟରସ୍ତରୀୟ ତାଲିମ କାର୍ଯ୍ୟକ୍ରମ 'ସୁନେତ୍ର' ମୁନିଲାଲ ହାଇସ୍କୁଲ ପରିସରରେ ସୋମବାର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୈଶିଙ୍ଗା କ୍ଲଷ୍ଟର୍ ସମେତ ୮ ଟି କ୍ଲଷ୍ଟର ଅଧୀନ ଉଚ୍ଚ ଓ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଆସନ୍ତା ୨୨ ତାରିଖ ସୁଦ୍ଧା ନିଜ ନିଜ ବିଦ୍ୟାଳୟର ପିଲାମାନଙ୍କର ଚକ୍ଷୁ ପରୀକ୍ଷା କରାଇ ଏ ସମ୍ପର୍କିତ ରିପୋର୍ଟ ଦାଖଲ କରିବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା।

# ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା

### କାଳୀପୂଜା ମଣ୍ଡପ ବୁଲିଲେ ସୂର୍ଯ୍ୟବଂଶୀ

ବାସୁଦେବପୁର,୮।୧୧(ଡି.ଏନ.ଏ.)

ଧାମନଗରର ନବନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ମଙ୍ଗଳବାର ଧାମରା ଗସ୍ତରେ ଯାଇଥିବା ବେଳେ ବାସୁଦେବପୁରଠାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବାହ୍ନ ୧୧ଟାରେ ହାଇସ୍କୁଲ ଛକଠାରେ ୫ଶହରୁ ଊର୍ଦ୍ଧ୍ୱ ଭାଜପା କାର୍ଯ୍ୟକର୍ତ୍ତା ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ଜଣାଇବା ସହ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ସୂର୍ଯ୍ୟବଂଶୀ ପ୍ରଥମେ ହାଇସ୍କୁଲ ଛକ କାଳୀ ମଣ୍ଡପ ପରେ ବ୍ଲକ ରୋଡ୍, ଟ୍ରାଫିକ ଛକ ଓ ତାରିଣୀ ଛକ ମଣ୍ଡପ ବୁଲି ମା'ଙ୍କୁ ଦର୍ଶନ କରିଥିଲେ। ବ୍ଲକରୋଡ୍ ପୂଜା କମିଟି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂର୍ଯ୍ୟବଂଶୀଙ୍କ ସହ ଭାଜପା ଜିଲା ସଭାପତି ହେମନ୍ତ ପାଢ଼ୀ, ଉପସଭାପତି ଉଦୟ ନାରାୟଣ ମଲ୍ଲିକ, ମଧୁସୂଦନ ପାଢ଼ୀ, କୈଳାସ ଚନ୍ଦ୍ର ପଣ୍ଡା, କିଶୋର ମହାପାତ୍ର, ସୁଶାନ୍ତ ବେହେରା, ଗଦାଧର ପଲେଇ, ଜଗବନ୍ଧୁ ସାହୁ, ରମାକାନ୍ତ ସେଠୀ, ଗୌରୀ ବେହେରା, କାଳନ୍ଦୀ ସାହୁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ବୃଦ୍ଧଙ୍କ ଆତ୍ମହତ୍ୟା

ସାରସକଣା,୮।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ରାଜାଲୋକା ଗ୍ରାମର ବସନ୍ତ ସାହୁ(୬୨) ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଶାରୀରିକ ଅସୁସ୍ଥତାକୁ ନେଇ ଦୀର୍ଘଦିନ ହେଲା ବସନ୍ତ ମାନସିକ ଚାପରେ ରହୁଥିଲେ। ସେ କୀଟନାଶକ ପିଇଥିବା ଜଣାପଡ଼ିବା ପରେ ଚିକିତ୍ସା ପାଇଁ ତାଙ୍କୁ ଶୀର୍ଷା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩୮/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

# ମନେପକାଇଲେ ସାଧବ ପୁଅର ବୀରତ୍ୱର ଗାଥା

ବାଲେଶ୍ୱର ଅଫିସ, ୮।୧୧

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବତ ରଖିବା ଓ ଏହାସହ ଉତ୍ତରପିଢ଼ିକୁ ଯୋଡ଼ିବା ପାଇଁ ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ସ୍ଥାନୀୟ ଶାନ୍ତିକାନନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ବିଭାଗ ଅଧିକାରୀ ଆଶିଷ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଯୋଗଦେଇ ଶାନ୍ତିକାନନସ୍ଥିତ ପୁଷ୍କରିଣୀରେ ବୋଇତ ଭସାଇଥିଲେ। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ୍ରମେ ନୌବାଣିଜ୍ୟ କ୍ଷେତ୍ରରେ ଉତ୍କଳର ଗୌରବମୟ ଇତିହାସକୁ ମନେ ପକାଇବା ଉଦ୍ଦେଶ୍ୟରେ ଏହି ଉତ୍ସବ ପାଳନ ହୋଇଥାଏ । ଓଡ଼ିଆ ସାଧବ ପୁଅର ବୀରତ୍ୱର ଗାଥା ତଥା ନୌବାଣିଜ୍ୟ ପାଇଁ ସେମାନଙ୍କର ବାଲି, ଜାଭା ଓ ସୁମାତ୍ରା ଯାତ୍ରାର ଗୌରବମୟ ଇତିହାସ ଓ ପରମ୍ପରାକୁ ସମସ୍ତେ ମନେପକାଇ ଏହି ପର୍ବକୁ ପାଳିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗଦେଇଥିଲେ। ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସେଠାରେ ସଂକୀର୍ତ୍ତନ ଦଳର ବ୍ୟବସ୍ଥା କରାଯାଇଥିଲା। ସେହିପରି ବାଲେଶ୍ୱର ସହର ପାତ୍ରପଡ଼ା ସ୍ଥିତ ସୁବର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପାତ୍ରପଡ଼ା ସୁନହଟ କ୍ଲବର ୪୦ ତମ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ରାଜକିଶୋର ଦାସ ଉତ୍ସବରେ ପୌରୋହିତ୍ୟ କରିଥିଲେ । ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବାଲେଶ୍ୱର ସହର ଟୁଲଙ୍କସାହି ଛତୁଆ ପୋଖରୀଠାରେ ଦୁଇ ଦିନିଆ ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଭଥିଲେ।



ଶାନ୍ତିକାନନ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ଅଧିକାରୀ ବୋଇତ ଭସାଇବା ଲାଗି ଯାଉଛନ୍ତି।

# ଶୂନ୍ୟମଣ୍ଡପରେ ରାହାସପୂର୍ଣ୍ଣମୀ



ଖଇରା, ୮।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଐତିହାସିକ ଶୂନ୍ୟମଣ୍ଡପ ପୀଠରେ ଶୂନ୍ୟମଣ୍ଡପ ପୀଠରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଆଧାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ୨ବର୍ଷର କୋଭିଡ କଟକଣା ପରେ ଚଳିତବର୍ଷ ଶ୍ରଦ୍ଧାଳୁମାନେ ଶୂନ୍ୟବ୍ରହ୍ମଙ୍କୁ ଦର୍ଶନ କରିବାକୁ ସୁଯୋଗ ମିଳିଥିବାରୁ ଶ୍ରଦ୍ଧାଳୁମାନେ ଭାବବିହ୍ୱଳ ହୋଇ ପୀଠ ଓ ପଞ୍ଚୁକ ମେଳା ବୁଲିଥିଲେ। ପ୍ରତ୍ୟୁଷରୁ ଭକ୍ତମାନେ ମଧୁସାଗରରେ ସ୍ନାନ କରି ଶୂନ୍ୟମଣ୍ଡପ ଓ ମନ୍ଦିର ଦର୍ଶନ ପରେ ପ୍ରସାଦ ସେବନ କରିଥିଲେ। ଏଥିସହ ମଣ୍ଡପର ପ୍ରତିଷ୍ଠାତା ପ୍ରଭାକର ଦାସ ଓରଫ ଶୂନ୍ୟବାବାଙ୍କର ସମାଧି ପୀଠ ଓ ପ୍ରତିମୂର୍ତ୍ତିରେ ଭକ୍ତମାନେ ପୁଷ୍ପାଞ୍ଜଳି ପ୍ରଦାନ ପରେ ବର୍ତ୍ତମାନର ମହନ୍ତ ରାଜା ବାବାଙ୍କଠାରୁ ପାଦୁକ ଗ୍ରହଣ କରିଥିଲେ। ଚନ୍ଦ୍ରଗ୍ରହଣ ପାଇଁ ଅନ୍ଧାରରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିବା ବେଳେ ସୂର୍ଯ୍ୟୋଦୟ ପରେ ଭିଡ ଯଥେଷ୍ଟ କମିଯାଇଥିଲା। ଚଳିତବର୍ଷ ଆନୁମାନିକ ୧୫ହଜାର ଶ୍ରଦ୍ଧାଳୁ ପଞ୍ଚୁକ ମେଳା ବୁଲିଥିବା ନେଇ କମିଟି ସମ୍ପାଦକ କ୍ଷିରୋଦ ମହାରଣା ଦାବିକରିଛନ୍ତି। ସେହିଭଳି ସଭାପତି ପୂର୍ଣ୍ଣଚନ୍ଦ୍ର ଗୁପ୍ତା, ଉପସଭାପତି ରତ୍ନାକର ସେଣ୍ଠ, ସଭ୍ୟ ଭାସ୍କର ସାହୁ, ସଞ୍ଜୀବ ବେହେରା, କ୍ଷିରୋଦ ମହାପାତ୍ର, ରାଜକିଶୋର ବାବୁଙ୍କ ସମେତ ସମସ୍ତ ସଭ୍ୟ ମେଳାକୁ ଶୃଙ୍ଖଳିତ କରିବାକୁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଥିଲ। ଏହାଛଡା କୁପାରୀ ଶୂନ୍ୟବ୍ରହ୍ମ ଡ୍ରାଇଭର ସଂଘ, କାଦବରାଙ୍ଗର ଉତ୍କଳ ଯୁବକ ସଂଘ, ଜନହିତ ଯୁବକ ସଂଘ, ଖଇରା ପୋଲିସ ଟିମ୍ ମେଳାରେ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କଳା,ସଂସ୍କୃତି ଓ ମାନବ ସମ୍ବଳ ବିଭାଗ ରାଜ୍ୟ ସମ୍ପାଦକ ଶଶି କୁମାର ସାହୁ, ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତା ପଦ୍ମଲୋଚନ ପଣ୍ଡା, ଜିଲାପରିଷଦ ସଭ୍ୟ ଗଜେନ୍ଦ୍ର ଦାସ, ସମିତିସଭ୍ୟ ଅକ୍ଷୟ କୁମାର ଜେନା, ଏମ୍‌ପି ପ୍ରତିନିଧି ଜୟନ୍ତ କୁମାର ରାଉତ ତଥା ବିଭିନ୍ନ ପଞ୍ଚାୟତ ତଥା ଜୋନର ଲୋକପ୍ରତିନିଧିମାନେ ନିଜ ସମର୍ଥକଙ୍କ ସହ ମେଳା ବୁଲୁଥିବା ଦେଖିବାକୁ ମିଳିଥିଲା।

# ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ

ବାହାନଗା, ୮।୧୧(ଡି.ଏନ.ଏ.)

ବାହାନଗା ବ୍ଲକର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବ୍ଲକ ଗୋପାଳପୁର ପଞ୍ଚାୟତ ବାରିଙ୍ଗିଆ -ପାଇକାସ୍ତା ଗ୍ରାମରେ ଥିବା ଦେଉଳା ପୋଖରୀରେ ବୋଇତ ବନ୍ଦାଣ କରାଯାଇଥିଲା। ଏଥିନିମନ୍ତେ ଗ୍ରାମର ମହିଳାଙ୍କ ଦ୍ୱାରା ରାତିରେ ବୋଇତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଝିଅ ଓ ବୋହୂମାନଙ୍କ ଦ୍ୱାରା ମୁରୁଜ ପ୍ରତିଯୋଗିତା ହୋଇଥିଲା। ସେହିପରି କରଞ୍ଜାବିନ୍ଧା ଗ୍ରାମର କୁଚିଆଗଡିଆ, ଆପିଡ୍ରା ଗ୍ରାମର ବାସୁଳୀ ପୋଖରୀ, ସାଉଡୁ ପଞ୍ଚାୟତ ବାଜଣା ଗ୍ରାମ ପୋଖରୀ, କଲ୍ୟାଣୀ ପଞ୍ଚାୟତ ଅରଳା ଗ୍ରାମରେ ବୋଇତ ବନ୍ଦାଣ ହୋଇଥିଲା। ବିଭିନ୍ନ ସ୍ଥାନରେ ରାତିତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସିମୁଳିଆରେ ଭାରତ ଯୋଡ଼ୋ ଯାତ୍ରା

ସିମୁଳିଆ, ୮।୧୧(ଡି.ଏନ.ଏ.)

ସିମୁଳିଆ ବ୍ଲକ ସଦର ମହକୁମା ମାର୍କୋଣାରେ ଦଳୀୟ କଂଗ୍ରେସର ଭାରତ ଯୋଡ଼ ଶୋଭାଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକ, ଜିଲା ସଭାପତି ସଞ୍ଜୀବ ଗିରି, ଅଶୋକ ଦାସ, ଅନନ୍ତ ପ୍ରସାଦ ସେଠୀ, ମଧୁମିତା ସେଠୀ ପ୍ରମୁଖ ମାର୍କୋଣାରେ ପହଞ୍ଚିବା ପରେ ଦଳୀୟ କର୍ମୀମାନେ ସ୍ୱାଗତ ଜଣାଇଥିଲେ। ପରେ ମାର୍କୋଣାରୁ ଜାମୁଝାଡ଼ି ପର୍ଯ୍ୟନ୍ତ ୪ କି.ମି. ଶତାଧିକ କର୍ମୀ ଯୋଗ ଦେଇଥିଲେ। ଜାମୁଝାଡ଼ି ଛକରେ ଥିବା ଶିବମନ୍ଦିର ସମ୍ମୁଖରେ ସଭାନେତ୍ରୀ ବନିତା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସରକାରଙ୍କ ଟିକସ ଓ ବିଭିନ୍ନ ଦରଦାମ ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିଲା।

